**ମକର** – ଶତ୍ରୁବାଧା ଦୂରେଇ ଯିବ । ଆର୍ଥିକ ସମସ୍ୟା ନିଶ୍ଚିତ ରୂପେ ସମାଧାନ ହୋଇଯିବ । ଧନ, ଧାନ୍ୟ, ଐଶ୍ୱର୍ଯ୍ୟ, ମାନସମ୍ମାନ ତଥା ପରାକ୍ରମର ବୃଦ୍ଧି ହେବ । ବ୍ୟବସାୟୀ ହୋଇଥିଲେ ବ୍ୟବସାୟ କ୍ଷେତ୍ରକୁ ସୁସଜ୍ଜିତ କରି ପ୍ରଚୁର ଲାଭବାନ ହେବେ । ନୂଆ ନୂଆ ବ୍ୟବସାୟିକ ସଂପର୍କସ୍ଥାପନ ଭାଗିଦାର ବ୍ୟବସାୟ ପାଇଁ ସାହାଯ୍ୟ ସହଯୋଗ ଅଚାନକ ମିଳିବ । ଅଟକି ଯାଇଥିବା ଧନ, ଉଧାର ଦେଇଥିବା ଟଙ୍କା, ଋଣ କରିଥିବା ଅର୍ଥ ସହଜରେ ହସ୍ତଗତ ହେବ । ଭୂମିକ୍ରମ, ବାହନକ୍ର, ଗୃହନିର୍ମାଣ କରିବାରେ ଖର୍ଚ୍ଚ କରିବାକୁ ପଡ଼ିବ । ବିଦ୍ୟାର୍ଥୀବର୍ଗ ଅତ୍ୟନ୍ତ ସଫଳତା ସହ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇ ମନ ଭଲ ରହିବ । ରାଜନୀତି କ୍ଷେତ୍ରରେ ସାମୁହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିବା ସମ୍ଭବ ହେବ । **ପ୍ରତିକାର**– ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ ।

**କୁମ୍ଭ** – ବ୍ୟବସାୟ କ୍ଷେତ୍ରରେ ଭାଗ୍ୟ ଅନୁକୂଳ ହେତୁ ଆଶାତିତ ଲାଭ ମିଳିବ । ସେୟାର, ଲଟେରୀ ଆଦିରେ ଲାଭ ଅଧିକ ମିଳିବ । ନୂତନ ଉଦ୍ୟୋଗରେ ପଇସା ଖଟେଇବେ । ପାରିବାରିକ କ୍ଷେତ୍ରରେ ଶୁଭ ସମାଚାର ଶୁଣି ଖୁସି ହେବେ । ସରକାରୀ କର୍ମଚାରୀ ମାନେ କର୍ମକ୍ଷେତ୍ରରେ ବହୁ ସୁବିଧା ସୁଯୋଗ ପାଇବେ । ଏହାକୁ ସତ୍ ଉପଯୋଗ କରିବାକୁ ଆପ୍ରାଣ ଚେଷ୍ଟା କରିବା ଉଚିତ୍ । ଶିକ୍ଷା କ୍ଷେତ୍ରରେ ମନଯୋଗ ଦେଇ ପ୍ରଶଂସିତ ହେବେ । ଆର୍ଥିକ ଦୃଷ୍ଟିକୋଣରୁ ଉନ୍ନତି ହେବ । ସନ୍ତାନମାନଙ୍କର ଶିକ୍ଷା, ଉଚ୍ଚଶିକ୍ଷାର ମନସ୍କାମନା ପୂର୍ଣ୍ଣ ହେବ । ଜମିଜମା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହୋଇ ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ । ରାଜନୀତି କ୍ଷେତ୍ରରେ ବିଡିଯାଇଥିବା ମାମଲାରେ ମଧ୍ୟ ସଫଳତା ମିଳିବ । ଦୂରେଇ ଯାଇଥିବା ବନ୍ଧୁ ମିତ୍ରମାନଙ୍କ ସହ ସୁସମ୍ପର୍କ ସ୍ଥାପନ ହେବ । **ପ୍ରତିକାର** – ପ୍ରତ୍ୟେକ ଦିନ ତୁଳସୀ ମୂଳ ମାଟି ମୁଣ୍ଡରେ ଲଗାନ୍ତୁ ।

**ମୀନ** – ବ୍ୟବସାୟ ପ୍ରସାର ପ୍ରଚାର ଫଳରେ ଲୋକସମ୍ପର୍କ ଅତ୍ୟଧିକ ବଢ଼ିବା ସହ ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗ ପାଇ ବ୍ୟବସାୟରେ ଯଥେଷ୍ଟ ଲାଭ ମିଳିବ । କର୍ମକ୍ଷେତ୍ରରେ ମାନସମ୍ମାନ ବୃଦ୍ଧିହେବ ଓ ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସମ୍ପର୍କ ସ୍ଥାପନ ହେବ । ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବା ସହ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ପରୀକ୍ଷାରେ ସଫଳ ହୋଇ ବିଦ୍ୟା କ୍ଷେତ୍ରରେ ପ୍ରଶଂସା ପାଇବେ । ଲକ୍ଷ୍ୟ ପୂରଣ ହେବାରେ କୌଣସି ଅସୁବିଧା ହେବନାହିଁ । କଳା ସାହିତ୍ୟ ଚଳଚ୍ଚିତ୍ର ସଂଗୀତାଦି କ୍ଷେତ୍ରରେ କୃତକାର୍ଯ୍ୟ ହେବେ । ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ପାଇଁ କରିଥିବା ଯୋଜନା ସଫଳ ହୋଇ ପାରିବ । ବିରୋଧିମାନେ ଦୂରେଇଯିବେ ଓ ନୂତନ କାର୍ଯ୍ୟ ନିର୍ଦ୍ଦ୍ୱୋନ୍ଦରେ ଆଗେଇନେବେ । କୌଣସି ନୂତନ ବ୍ୟକ୍ତିଙ୍କ ସହିତ ଭେଟ ହେବା ଫଳରେ ସୁଖ ସମୃଦ୍ଧି ବୃଦ୍ଧି ହେବ । **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ ।

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ - ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ମଇ ୨୦୨୬
## MAY 2026

ସିଦ୍ଧାର୍ଥ ସମ୍ବତ୍ସର ମେଷ (ବୈଶାଖ) ଦି୧୮ନ ଠାରୁ ଦି୨୫ନ ପର୍ଯ୍ୟନ୍ତ
ମେଷ ଦି୨୬ନ ଠାରୁ ରୌଦ୍ର ସମ୍ବତ୍ସର ପ୍ରବେଶ ଠାରୁ ବୃଷ ଦି୧୭ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୨୩ | ଘ୬।୦୭ |
| ତା୧୦–ଘ୫।୧୮ | ଘ୬।୧୦ |
| ତା୨୦–ଘ୫।୧୩ | ଘ୬।୧୩ |
| ତା୩୧ –ଘ୫।୧୧ | ଘ୬।୧୮ |

| | | | | | |
|---|---|---|---|---|---|
| ରବି SUN | ପୂର୍ଣ୍ଣିମା ୩୧ ୧୭ ଅନୁରାଧା ବିଛା | ୩ ୨୦ ଦ୍ୱିତୀୟା ବିଶାଖା ବିଛା | ୧୦ ୨୭ ଅଷ୍ଟମୀ ଧନିଷ୍ଠା ମକର | ୧୭ ୩ ପ୍ରତିପଦ କୃତ୍ତିକା ବୃଷ | ୨୪ ୧୦ ନବମୀ ପୂର୍ବାଫା ସିଂହ |
| ସୋମ MON | ଅଷ୍ଟୋତ୍ତରୀ ମତେ ଆୟ ବ୍ୟୟ – ମେଷ – ୨-୩, ବୃଷ ୧୧-୫, ମିଥୁନ – ୧୪-୪, କର୍କଟ – ୮-୪, ସିଂହ – ୧୧-୨, କନ୍ୟା – ୧୪-୪, ତୁଳା – ୧୧-୫, ବିଛା – ୨-୩, ଧନୁ – ୫-୫, ମକର ୮-୩, କୁମ୍ଭ – ୮-୩, ମୀନ – ୫-୫ । | ୪ ୨୧ ତୃତୀୟା ଅନୁରାଧା ବିଛା | ୧୧ ୨୮ ନବମୀ ଶତଭିଷା କୁମ୍ଭ | ୧୮ ୪ ଦ୍ୱିତୀୟା ରୋହିଣୀ ବୃଷ | ୨୫ ୧୧ ଦଶମୀ ଉତ୍ତରଫା ସିଂହ |
| ମଙ୍ଗଳ TUE | | ୫ ୨୨ ତୃତୀୟା ମଳ ଜ୍ୟେଷ୍ଠା ବିଛା | ୧୨ ୨୯ ଦଶମୀ ପୂର୍ବଭାଦ୍ର କୁମ୍ଭ | ୧୯ ୫ ତୃତୀୟା ମୃଗଶିରା ମିଥୁନ | ୨୬ ୧୨ ଏକାଦଶୀ ହସ୍ତା କନ୍ୟା |
| ବୁଧ WED | | ୬ ୨୩ ଚତୁର୍ଥୀ ମୂଳା ଧନୁ | ଏକାଦଶୀ ୧୩ ୩୦ ଉତ୍ତରଭାଦ୍ର ମୀନ | ୨୦ ୬ ଚତୁର୍ଥୀ ଆର୍ଦ୍ରା ପୁନର୍ବସୁ ମିଥୁନ | ଏକାଦଶୀ ୨୭ ୧୩ ଏକାଦଶୀ ମଳ ହସ୍ତା କନ୍ୟା |
| ଗୁରୁ THU | | ୭ ୨୪ ପଞ୍ଚମୀ ପୂର୍ବଷାଢ଼ା ଧନୁ | ୧୪ ୩୧ ଦ୍ୱାଦଶୀ ରେବତୀ ମୀନ | ୨୧ ୭ ପଞ୍ଚମୀ ପୁଷ୍ୟା କର୍କଟ | ୨୮ ୧୪ ଦ୍ୱାଦଶୀ ଚିତ୍ରା ତୁଳା |
| ଶୁକ୍ର FRI | ପୂର୍ଣ୍ଣିମା ୧ ମେଷ ଦି୧୮ନ ସ୍ୱାତୀ ତୁଳା | ୮ ୨୫ ଷଷ୍ଠୀ ଉତ୍ତରଷାଢ଼ା ମକର | ୧୫ ବୃଷ ଦି୧ନ ତ୍ରୟୋଦଶୀ ଚତୁର୍ଦ୍ଦଶୀ କ୍ଷୟ ଅଶ୍ୱିନୀ ମେଷ | ୨୨ ୮ ଷଷ୍ଠୀ ସପ୍ତମୀ କ୍ଷୟ ଅଶ୍ଳେଷା କର୍କଟ | ୨୯ ୧୫ ତ୍ରୟୋଦଶୀ ସ୍ୱାତୀ ତୁଳା |
| ଶନି SAT | ୨ ୧୯ ପ୍ରତିପଦ ବିଶାଖା ତୁଳା | ୯ ୨୬ ସପ୍ତମୀ ଶ୍ରବଣା ମକର | ଅମାବାସ୍ୟା ୧୬ ୨ ଦ୍ୱିଜା ମେଷ | ୨୩ ୯ ଅଷ୍ଟମୀ ମଘା ସିଂହ | ୩୦ ୧୬ ଚତୁର୍ଦ୍ଦଶୀ ବିଶାଖା ତୁଳା |

## ପର୍ବଦିନ

ତା୧ **ଶ୍ରମିକ ଦିବସ**, ଚନ୍ଦନ ପୂର୍ଣ୍ଣିମା, ଚନ୍ଦ୍ରପୂଜା, **ବୁଦ୍ଧ ଜୟନ୍ତୀ** ଓ **ବୈଶାଖ ବ୍ରତ ସମାପନ**

ତା୭ ଶରଣ ଆରମ୍ଭ

ତା୯ ଶ୍ରୀକ୍ଷେତ୍ରେ ଭଉଁରୀ

ତା୧୦ ଉତ୍କଳେ ଭଉଁରୀ ଓ ଶ୍ରୀକ୍ଷେତ୍ରେ ହଳଦୀ ପାଣି

ତା୧୨ ଶରଣ ଶେଷ

ତା୧୩ ଜଳକ୍ରୀଡା ଏକାଦଶୀ ଉପବାସ ଓ ହଳନିଷେଧ

ତା୧୪ ମାସାନ୍ତ

**ତା୧୫** **ବୃଷ ସଂକ୍ରାନ୍ତି**, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ଓ ହଳ ନିଷେଧ

**ତା୧୬** ଅମାବାସ୍ୟା, **ସାବିତ୍ରୀ ବ୍ରତ**, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ:ନି

ତା୧୭ ଚନ୍ଦ୍ର ଦର୍ଶନ ଓ ମଳମାସ ଆରମ୍ଭ

**ତା୨୭** ପୁରୁଷୋତ୍ତମୀ ଏକାଦଶୀ ଉପବାସ, **ଭଦୁଲୁହା** ଓ ହଳ ନିଷେଧ

ତା୨୯ ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା

ତା୩୦ ପୂର୍ଣ୍ଣିମାର ଚନ୍ଦ୍ରପୂଜା

ତା୩୧ ମଳ ପୂର୍ଣ୍ଣିମା

ବିବାହ-ତା୩।୬।୭।୮।୯।୧୦ ରିଖ
ବ୍ରତ - ତା୩ ରିଖ
ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।

# ସନ ୨୦୨୬ ମସିହା ମଇ ମାସର ବାର ରାଶିଫଳ

**ମେଷ** – ବାଣୀର ପ୍ରଭାବ ଓ ପରାକ୍ରମ ବଢ଼ିବା ଫଳରେ ଅଧିକାରୀ କାମରେ ପ୍ରସନ୍ନ ରହିବେ। ରାଜନୀତିରେ ଶୁଭ ସମାଚାର ମିଳିବ ଓ ନିଜଲୋକ ସାହାଯ୍ୟ କରିବେ। ଯୁବକ-ଯୁବତୀ ମାନେ ନୂତନ କର୍ମନିଯୁକ୍ତି ପାଇଁ ପ୍ରତିଯୋଗିତା ପରୀକ୍ଷାରେ ଓ ସାକ୍ଷାତ୍ କାରରେ ଉତ୍ତିର୍ଣ୍ଣ ହେବେ। କର୍ମକ୍ଷେତ୍ରରେ ସହଯୋଗୀମାନେ ସହଯୋଗ କରିବା ଫଳରେ ପଦୋନ୍ନତିର ସୁଯୋଗ ପାଇପାରିବେ। ବ୍ୟବସାୟରେ ଉନ୍ନତି ହେବାସହ ଭଲଲାଭ ପାଇବେ। ସମାଜ କଲ୍ୟାଣ, ଧର୍ମାନୁଷ୍ଠାନରେ ଯୋଗଦାନ କରି ପ୍ରଶଂସିତ ହେବେ। ନିଜର ଇଚ୍ଛା ପୂରଣ ପାଇଁ କୌଣସି କର୍ମକରି ପ୍ରଶଂସା ପାଇବେ। ପତି ପତ୍ନୀଙ୍କ ମଧ୍ୟରେ ବୁଝାମଣା ଭଲ ରହିବ ଓ ଦାମ୍ପତ୍ୟ ସୁଖରେ ଶାନ୍ତି ଅନୁଭବ କରିବେ। ପଇସା ଅଭାବରୁ ମାନସିକ ଅଶାନ୍ତି ବୃଦ୍ଧି ପାଇପାରେ। ଉଦରପୀଡା ଓ ଚକ୍ଷୁପୀଡାରେ ପ୍ରଭାବିତ ରହିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ବୃଷ** – ବ୍ୟବସାୟ କ୍ଷେତ୍ରରେ ଦ୍ୱିଗୁଣା ଲାଭ ପାଇବା ସହ କିଛି ନୂତନ ଦ୍ରବ୍ୟକ୍ରୟ କରିବେ। ପରିବହନ ବ୍ୟବସାୟ, ଗବେଷଣା, ଯୋଗାଯୋଗ ସକାଶେ ସମୟ ବହୁତ ଭଲ ରହିବ। ସାଂଗଠନିକ କାର୍ଯ୍ୟରେ ଅଂଶ ଗ୍ରହଣ କରି ପାରନ୍ତି ଓ ଆନୁଷ୍ଠାନିକ କାମରୁ ସମ୍ମାନଲାଭ ହେବ। କମ୍ପାନୀ, ବ୍ୟାଙ୍କ, କମ୍ପ୍ୟୁଟର ଇତ୍ୟାଦି ବିଭାଗରେ ନୂତନ କର୍ମପ୍ରାପ୍ତି ହୋଇପାରେ। ଉଚ୍ଚଶିକ୍ଷାର ମଧ୍ୟ ସୁବିଧା ସୁଯୋଗ ପାଇବେ। ରାଜନୈତିକ କ୍ଷେତ୍ରରେ ପ୍ରବଳ ଲୋକ ସମର୍ଥନ ପାଇବେ। ବାଦବିବାଦ, ମାଲିମକଦ୍ଦମାରେ ବିଜୟୀ ହେବେ। ଶତ୍ରୁପକ୍ଷ ଦୁର୍ବଳ ହୋଇ ଗୋଡ ଟାଣିବାର ପ୍ରଚେଷ୍ଟା ଆରମ୍ଭ କରି ପାରନ୍ତି ସେଥିପାଇଁ ସତର୍କରେ ନ ଚାଲିଲେ କ୍ଷତିରେ ପଡିବେ। ବିହିନ୍ନ ପ୍ରକାର କଥା ଚିନ୍ତାକରି କୌଣସି କାମ ପ୍ରତି ମନ ଲାଗିବ ନାହିଁ। ସନ୍ତାନ ଯୋଗେ ଚିନ୍ତିତ ରହିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମିଥୁନ** – ସମସ୍ତ ଦୁଃଶ୍ଚିନ୍ତା ଦୂର ହେବ। ବିଦ୍ୟାକ୍ଷେତ୍ରରେ ସ୍ୱନାମ ଅର୍ଜନ କରିବା ସହ ପ୍ରତିଯୋଗିତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ। ଆଶା କରୁଥିବା ଖବର ପାଇ ଖୁସୀ ହୋଇଯିବେ। ତୀର୍ଥ ଯାତ୍ରା ଓ ଦେବ ଦର୍ଶନ କରିବେ। ସ୍ଥଗିତ କର୍ମଗୁଡିକର ସମ୍ପାଦନ କରିବେ। ପାରିବାରିକ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ରାଜନୀତି କ୍ଷେତ୍ରରେ ମାନସିକ ଦୁଶ୍ଚିନ୍ତା ଦୂର ହୋଇ ଯଶମାନ ବୃଦ୍ଧିହେବ। ଯୁକ୍ତିଯୁକ୍ତ କଥାକହି ଅନ୍ୟମାନଙ୍କୁ ଆପଣେଇ ପାରିବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ପ୍ରେମ କ୍ଷେତ୍ରରେ ମିତ୍ରମାନଙ୍କ ଦ୍ୱାରା ଲାଭ ପାଇବେ। ବ୍ୟବସାୟରେ ଉନ୍ନତି ସହିତ ଶ୍ରମିକଙ୍କ ତିକ୍ତତାର ସମସ୍ୟା ଦୂରହେବ। କଳା, ସଙ୍ଗୀତ, ସାହିତ୍ୟ ପ୍ରତି ରୁଚି ବୃଦ୍ଧି ହେବ। ପ୍ରଗତି, ଲାଭ, ଭୌତିକ ସଂବୃଦ୍ଧି ବୃଦ୍ଧି ହେବ। ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**କର୍କଟ** – ଶୁଭ ସମାଚାର ଶୁଣି ଆନନ୍ଦିତ ହେବେ। ପାରିବାରିକ କ୍ଷେତ୍ରରେ ଗୁରୁଜନଙ୍କ ସହାନୁଭୂତି ଉପଲବ୍ଧ ହେବା ଫଳରେ ଆତ୍ମସନ୍ତୋଷ ଲାଭହେବ। ରାଜନୈତିକ କ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧିହେବ। ପ୍ରତିଦ୍ୱନ୍ଦିତାରେ ସଫଳ ହୋଇ ସାମାଜିକ ଭାବମୂର୍ତ୍ତି-ସୁରକ୍ଷା ହେବ। ଏମିତି କାର୍ଯ୍ୟ କରିବେ ଯାହାକି ଭବିଷ୍ୟତ ଆକାଂକ୍ଷାକୁ ପୂର୍ଣ୍ଣ କରିବା ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ପ୍ରତିଯୋଗିତା ପରୀକ୍ଷା ଓ ମାଲିମୋକଦ୍ଦମାରେ ସଫଳତା ମିଳିବ। ଅବହେଳିତ ଲୋକଙ୍କ ସହ ମିଳାମିଶା କରି ନୂତନ ଦିଗ୍ଦର୍ଶନ ପାଇବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ସମାନ ବିଚାରଧାରା ବ୍ୟକ୍ତିଙ୍କ ସହିତ ଭେଟ ହେବା ଫଳରେ ଶତ୍ରୁ ଓ ବିରୋଧୀ ମାନେ କୌଣସି କ୍ଷତି କରିପାରିବେ ନାହିଁ। **ପ୍ରତିକାର** – ପ୍ରତ୍ୟେକ ଦିନ ତୁଳସୀମୂଳ ମାଟି ମୁଣ୍ଡରେ ଧାରଣ କରନ୍ତୁ।

**ସିଂହ** – ପରିବାରରେ ସୁସ୍ଥ ବାତାବରଣ ଜାରି ରହିବା ଫଳରେ ଆର୍ଥିକ ଦିଗରୁ ସୁବିଧା ହୋଇଯିବ। ଶିକ୍ଷାକ୍ଷେତ୍ରରେ ଚଳଚଞ୍ଚଳ ହୋଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଚେଷ୍ଟା କରିବେ। ନିଷ୍ଠାର ସହ ପରିଶ୍ରମ ଫଳରେ ଶତ୍ରୁମାନେ ବିପଦରେ ପକେଇବାକୁ ଚେଷ୍ଟାକରି ବିଫଳ ହେବେ। ବ୍ୟବସାୟିକ ଗତିବିଧି ଉତ୍ତମ ଭାବରେ ଚାଲିବା ଯୋଗେ ଲାଭବାନ୍ ହେବେ। ବାଦବିବାଦ ପରୀକ୍ଷା ପ୍ରତିଯୋଗିତାରେ ଦୁଇଗୁଣ ଉତ୍ସାହ ସହ ଆଗେଇ ଯିବେ। ସାମାଜିକ ଜୀବନରେ ନୂତନ ଗୁରୁଦାୟିତ୍ୱ ଗ୍ରହଣ କରିବେ। ଆୟ ବୃଦ୍ଧି ପାଇବା ଦ୍ୱାରା ଅଟକିଥିବା କାର୍ଯ୍ୟ ପୁନରାୟ ଚାଲୁ କରିବେ। ନୂତନ ବନ୍ଧୁଙ୍କ ସାହାଯ୍ୟରେ ନୂତନ ଯୋଜନା ପ୍ରସ୍ତୁତ କରି ଲାଭବାନ ହେବେ। ଧାର୍ମିକ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ଉପରିସ୍ଥ ଅଧିକାରୀଙ୍କ ଠାରୁ ଅପମାନିତ ହୋଇପାରନ୍ତି। **ପ୍ରତିକାର** – ପ୍ରତ୍ୟେକ ଦିନ କେଶର ହଳଦୀ ଚନ୍ଦନ ମସ୍ତକରେ ଧାରଣ କରନ୍ତୁ।

**କନ୍ୟା** – ଭୌତିକ ଓ ଆଧ୍ୟାତ୍ମିକ ମାମଲାରେ ବ୍ୟସ୍ତ ରହିବେ। ଦାମ୍ପତ୍ୟ ସୁଖ ବୃଦ୍ଧି ହେବ। ଧାର୍ମିକ କାର୍ଯ୍ୟରେ ମନ ବଳାଇ ନୂତନ ବନ୍ଧୁଙ୍କୁ ପାଇ ଖୁସୀହେବେ। ଅଟକିଥିବା କାର୍ଯ୍ୟ ସଫଳତା ପୂର୍ବକ ସମ୍ପନ୍ନ ହେବ। ସ୍ୱାସ୍ଥ୍ୟ ଅନେକାଂଶରେ ଭଲ ରହିବ। ବ୍ୟୟ ଅପେକ୍ଷା ଆୟ ବୃଦ୍ଧିପାଇବ। ବିଭିନ୍ନ ଦିଗରୁ ସାହାର୍ଯ୍ୟ ସହଯୋଗ ମିଳିବ। ଧନସମ୍ପଦ, ବସ୍ତ୍ରଆଭୂଷଣ ଆଦି ଲାଭହେବ। ବ୍ୟବସାୟ ବଢ଼ାଇବାରେ ସମର୍ଥ ହେବେ। କର୍ମଚାରୀ ଓ ଶ୍ରମିକମାନେ ବେଶି ଉପକୃତ ହେବେ। ମହଲରୁ ଆଶାତୀତ ଲାଭ ପାଇବେ। ପରୀକ୍ଷା ପ୍ରତିଯୋଗିତା ଓ ସାକ୍ଷାତ୍କାରରେ ସଫଳ ହେବେ। ବୁଦ୍ଧି ବିବେକ ଖେଳାଇ କର୍ତ୍ତବ୍ୟ ପରାୟଣତାକୁ ମୁଖ୍ୟ କରି ହସଖୁସିରେ ଚଳିବେ। ଦକ୍ଷତାକୁ କେନ୍ଦ୍ରକରି ଉଚ୍ଚ ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟ କ୍ରମେ ଖେଳକୁଦରେ ବିଜୟୀ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ତୁଳା** – ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଅବିବାହିତ ଯୁବକ ଓ ଯୁବତୀମାନଙ୍କର ବିବାହ ପ୍ରସ୍ତାବ ସ୍ଥିର ହେବ। ସାମ୍ବାଦିକ ମାନେ ଉଦ୍ଦେଶ୍ୟକୁ ସଫଳ କରିବାରେ ସକ୍ଷମ ହେବେ। ଧର୍ମ କାର୍ଯ୍ୟରେ ଯୋଗ ଦେଇ ଦେବ ଦର୍ଶନ କରିବେ। ପ୍ରେମିକ ପ୍ରେମିକା ମାନଙ୍କର ଆମୋଦ ପ୍ରମୋଦ, ମନୋରଞ୍ଜନରେ ଆଗ୍ରହ ବଢ଼ିବ। ବ୍ୟବସାୟ କ୍ଷେତ୍ରରେ ଲାଭବାନ୍ ହେବେ। ଉତ୍ତମ ରୋଜଗାର ମିଳିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ। ମିତ୍ରମାନଙ୍କ ଦ୍ୱାରା ଅନେକ କାର୍ଯ୍ୟରେ ସଫଳତା ମିଳିବ। ସ୍ଥଗିତ ଥିବା ଧନ ମିଳିବାରୁ ଖୁସି ହେବେ। ମନୋକାମନା ପୂରଣ ହେବ ଓ ଆତ୍ମ ବିଶ୍ୱାସ ବୃଦ୍ଧି ହୋଇ ଲାଭର ମାର୍ଗ ପ୍ରଶସ୍ତ ହେବ। ଆନୁଷ୍ଠାନିକ କ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ବିଛା** – ପାରିବାରିକ ଜୀବନ ଆନନ୍ଦରେ କଟିବ। ନୂତନ ଆୟପନ୍ଥା ପ୍ରାପ୍ତି ହେବ। ବିଭିନ୍ନ ପ୍ରକାରର ସମସ୍ୟା ସମାଧାନ ହେବ। ବନ୍ଧୁଙ୍କ ସହଯୋଗରେ କେତେକ ସମସ୍ୟାର ସମାଧାନ ହେବ। ପ୍ରେମିକ ପ୍ରେମିକା ମାନେ ପ୍ରେମ କ୍ଷେତ୍ରରେ ଆନନ୍ଦିତ ହେବେ। କ୍ରୀଡ଼ାବିଦ୍ ମାନେ ପ୍ରଶଂସିତ ହେବେ। ନୂତନ ଗୃହସୁଖ ଓ ଯାନବାହନ ସୁଖ ମିଳିପାରେ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ସାମ୍ବାଦିକ ମାନଙ୍କର ପଦମର୍ଯ୍ୟାଦା ବୃଦ୍ଧି ପାଇବ। ରାଜନୀତି ଓ ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧ ହେବେ। ପ୍ରବାସ ଯାତ୍ରାରେ ଲାଭବାନ ହେବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ। ଗୁରୁଜନ ଓ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ମିଳିବ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ସିନ୍ଦୂରଟିକେ ମୁଣ୍ଡରେ ଲଗେଇ ଦିଅନ୍ତୁ।

**ଧନୁ** – ସରକାରୀ କାମରେ ସଫଳତା ମିଳିବା ସହ ଆୟକୁ ବଢ଼ାଇବା ପାଇଁ ବହୁତ ପ୍ରୟାସ କରିବେ। ଉଚ୍ଚବିଦ୍ୟା ଅଧ୍ୟୟନ ପାଇଁ ବାହ୍ୟ ଦେଶକୁ ଯାତ୍ରା କରି ପାରିବେ। ଗୃହପାଳିତ ପଶୁ ଓ ଯାନବାହାନ ଇତ୍ୟାଦି କ୍ରୟ କରି ଲାଭବାନ୍ ହେବେ। ଶତ୍ରୁମାନେ ପରାଜିତ ହେବା ଫଳରେ ମାନସିକ ଅଶାନ୍ତି ଦୂରେଇ ଯିବ। ସହକର୍ମୀମାନଙ୍କଠାରୁ ସାହାଯ୍ୟ ସହଯୋଗ ପାଇ ଲୋକପ୍ରିୟତା ହାସଲ କରି ନୂତନ ଯୋଜନାକୁ କ୍ରିୟାନ୍ୱିତ କରିବେ ଓ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବା ସହ ବ୍ୟବସାୟ ସମ୍ବନ୍ଧିତ ଯାତ୍ରା କରିବାକୁ ପଡ଼ିପାରେ। ଯୁକ୍ତି ତର୍କରେ ଦକ୍ଷତା ସହ ବ୍ୟବହାରିକ ବିଜ୍ଞାନ ଓ ଦର୍ଶନର ଗଭୀରତା ଭିତରକୁ ଟାଣିହୋଇ ଯିବେ। ସବୁ ଭଲଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇ ପାରେ। **ପ୍ରତିକାର**– ପ୍ରତ୍ୟେକ ଦିନ ଅଶ୍ୱସ୍ଥ ବୃକ୍ଷମୂଳରେ ଗୁଡ଼ ଥୋଇ ପ୍ରଣାମ କରନ୍ତୁ।

**ମକର** – ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ବ୍ୟବସାୟତାରେ ବ୍ୟବସାୟକୁ ବଢ଼େଇବା ସହଜ ହେବ। ଉଚିତ୍ ପନ୍ଥା ଗ୍ରହଣ କଲେ ବିଦ୍ୟାଧ୍ୟୟନ କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବା ସହ ନୂଆ ଯୋଗ ଦେଇ ପାରନ୍ତି। ନୂତନ ବ୍ୟବସାୟ ଯୋଜନାର ଶିଳାନ୍ୟାସ କଲେ, ତାହା ଦୀର୍ଘ ସ୍ଥାୟୀହେବ। ଶତ୍ରୁଙ୍କ ସହିତ ସଂଘର୍ଷ କରି ସମାଧାନର ରାସ୍ତା ପ୍ରସ୍ତୁତ କରିବେ। ନିଜର ପ୍ରଭାବ, ପରାକ୍ରମ ବୃଦ୍ଧି ପାଇବା ସହ ନିଜର ଯୋଗ୍ୟତା ଓ କ୍ଷମତାର ବହୁତ ଲାଭ ମିଳିବ। ପାରିବାରିକ ଜୀବନରେ ଗୁରୁଜନ ସନ୍ତୁଷ୍ଟ ରହିବା ଫଳରେ ସାଧାରଣ ସମସ୍ୟା ସୁଧାରୀ ନେଇ ହସ ଖୁସିରେ ଚଳିବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। କର୍ମପାଇଁ ଅପେକ୍ଷା କରିଥିବା ଯୁବକ ଯୁବତୀମାନେ ଯୋଗ୍ୟତା ଓ ଦକ୍ଷତାକୁ ନେଇ ଉପଯୁକ୍ତ ବିଭାଗରେ କର୍ମ ନିଯୁକ୍ତି ପାଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାକୁ କିଛି ଖାଇବାକୁ ଦିଅନ୍ତୁ।

**କୁମ୍ଭ** – ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇ ଭଲ ରହିବ। ସରକାରୀ କାମରେ ସଫଳତା ପାଇବେ। ନିଜର ଓ ପରାକ୍ରମ ବୃଦ୍ଧି ପାଇବ। ଅଫିସର ବା ଅଧିକାରୀ କାମରେ ପ୍ରସନ୍ନ ରହିବେ। ନିଜର ଯୋଗ୍ୟତା ଓ କ୍ଷମତାର ବହୁତ ଲାଭ ମିଳିବ। ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ବ୍ୟାପାର ଓ କାରବାରରେ ସୁଧାର ଆସିବା ସହ ବ୍ୟବସାୟ ସମ୍ବନ୍ଧିତ ଯାତ୍ରା କରିବାକୁ ପଡିପାରେ। ଘର ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବ। ଗୁରୁଜନଙ୍କ ସେବା ଓ ସହମତିରେ ଆଗକୁ ବଢ଼ିପାରିବେ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ। ଆୟ ଉପାର୍ଜନ କ୍ଷେତ୍ରପ୍ରତି ସଙ୍କଟ ସୃଷ୍ଟିହେବ ନାହିଁ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତା ପରୀକ୍ଷା ଓ ସାକ୍ଷାତ୍ କାରରେ କୃତକାର୍ଯ୍ୟ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ମୀନ** – ଶରୀର କିମ୍ବା ଆଇନ୍ ଅଦାଲତ୍ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂରହେବ। ପାରିବାରିକ କ୍ଷେତ୍ରରେ ଭୁଲବୁଝାମଣାର ସମାଧାନ ହୋଇ ଉନ୍ନତି ମୂଳକ ପଦକ୍ଷେପ ନେବେ ଓ ପରିବାର ହିତ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବେ। ପତି ପତ୍ନୀଙ୍କ ମଧ୍ୟରେ ବୁଝାମଣା ଭଲ ରହିବ ଓ ଦାମ୍ପତ୍ୟ ସୁଖରେ ଶାନ୍ତି ଅନୁଭବ କରିବେ। ବାଦବିବାଦ, କ୍ରିଡା, ପ୍ରତିଦ୍ୱନ୍ଦିତା, ପରୀକ୍ଷା ପ୍ରତିଯୋଗିତା କ୍ଷେତ୍ରରେ ବିଜୟୀ ହୋଇ ହସଖୁସିରେ ସମୟ ବିତାଇବେ। ରାଜନୈତିକ କ୍ଷେତ୍ରରେ ପୁରୁଣା ସମସ୍ୟା ସମାଧାନ କରି ବିଜୟୀ ହେବେ। ବୁଦ୍ଧି ବିବେକ ଖେଳାଇ କର୍ତ୍ତବ୍ୟ ପରାୟଣତାକୁ ମୁଖ୍ୟକରି ଚାଲିବା ହିତକର ହେବ। ଯଦି ବ୍ୟବସାୟ ବଢ଼େଇବା ପାଇଁ କୌଣସି ଋଣ କରିବାକୁ ଇଚ୍ଛା କରୁଛନ୍ତି ତେବେ ଏଥିରେ କିଛି ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନଦେଇ କାର୍ଯ୍ୟ କରନ୍ତୁ। ଅପରିଚିତ ଲୋକମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ କିଛି ଖାଇବାକୁ ଦିଅନ୍ତି।

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ୍, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୮ |
| ସମ୍ୱତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ଜୁନ୍ ୨୦୨୬
## JUNE 2026

ରୌଦ୍ର ସମ୍ୱତ୍ସର ବୃଷ (ଜ୍ୟେଷ୍ଠ) ଦି୧୮ନ ଠାରୁ ମିଥୁନ (ଆଷାଢ଼) ଦି୧୬ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୧୧ | ଘ୬।୧୮ |
| ତା୧୦–ଘ୫।୧୧ | ଘ୬।୨୧ |
| ତା୨୦–ଘ୫।୧୨ | ଘ୬।୨୪ |
| ତା୩୦–ଘ୫।୧୪ | ଘ୬।୨୫ |

| | | | | | |
|---|---|---|---|---|---|
| ରବି SUN | | ୭ ୨୪ ସପ୍ତମୀ ଧନିଷ୍ଠା କୁମ୍ଭ | ୧୪ ୩୧ ଚତୁର୍ଦ୍ଦଶୀ ରୋହିଣୀ ବୃଷ | ୨୧ ୭ ସପ୍ତମୀ ପୂର୍ବାଫା ସିଂହ | ୨୮ ୧୪ ଚତୁର୍ଦ୍ଦଶୀ ଜ୍ୟେଷ୍ଠା ବିଛା |
| ସୋମ MON | ୧ ବୃଷ ଦି୧୮ନ ପ୍ରତିପଦ ଜ୍ୟେଷ୍ଠା ବିଛା | ୮ ୨୫ ଅଷ୍ଟମୀ ଶତଭିଷା କୁମ୍ଭ | ଅମାବାସ୍ୟା ୧୫ ମିଥୁନ ଦି୧ନ ପ୍ରତିପଦ କ୍ଷୟ ମୃଗଶିରା ବୃଷ | ୨୨ ୮ ଅଷ୍ଟମୀ ଉତ୍ତରଫା କନ୍ୟା | ପୂର୍ଣ୍ଣିମା ୨୯ ୧୫ ମୂଳା ଧନୁ |
| ମଙ୍ଗଳ TUE | ୨ ୧୯ ଦ୍ୱିତୀୟା ମୂଳା ଧନୁ | ୯ ୨୬ ନବମୀ ପୂର୍ବଭାଦ୍ର ମୀନ | ୧୬ ୨ ଦ୍ୱିତୀୟା ଆର୍ଦ୍ରା ମିଥୁନ | ୨୩ ୯ ନବମୀ ହସ୍ତା କନ୍ୟା | ୩୦ ୧୬ ପୂର୍ଣ୍ଣିମା ମଳ ପୂର୍ବାଷାଢ଼ା ଧନୁ |
| ବୁଧ WED | ୩ ୨୦ ତୃତୀୟା ପୂର୍ବାଷାଢ଼ା ଧନୁ | ୧୦ ୨୭ ଦଶମୀ ଉତ୍ତରଭାଦ୍ର ମୀନ | ୧୭ ୩ ତୃତୀୟା ପୁନର୍ବସୁ ମିଥୁନ | ୨୪ ୧୦ ଦଶମୀ ଚିତ୍ରା ତୁଳା | |
| ଗୁରୁ THU | ୪ ୨୧ ଚତୁର୍ଥୀ ଉତ୍ତରଷାଢ଼ା ଧନୁ | ଏକାଦଶୀ ୧୧ ୨୮ ରେବତୀ ମୀନ | ୧୮ ୪ ଚତୁର୍ଥୀ ପୁଷ୍ୟା କର୍କଟ | ଏକାଦଶୀ ୨୫ ୧୧ ସ୍ୱାତୀ ତୁଳା | |
| ଶୁକ୍ର FRI | ୫ ୨୨ ପଞ୍ଚମୀ ଶ୍ରବଣା ମକର | ୧୨ ୨୯ ଦ୍ୱାଦଶୀ ଅଶ୍ୱିନୀ ଦ୍ୱିଜା ମେଷ | ୧୯ ୫ ପଞ୍ଚମୀ ଅଶ୍ଳେଷା କର୍କଟ | ୨୬ ୧୨ ଦ୍ୱାଦଶୀ ବିଶାଖା ତୁଳା | |
| ଶନି SAT | ୬ ୨୩ ଷଷ୍ଠୀ ଶ୍ରବଣା ମକର | ୧୩ ୩୦ ତ୍ରୟୋଦଶୀ କୃତ୍ତିକା ମେଷ | ୨୦ ୬ ଷଷ୍ଠୀ ମଘା ସିଂହ | ୨୭ ୧୩ ତ୍ରୟୋଦଶୀ ଅନୁରାଧା ବିଛା | |

**ବିଂଶୋତ୍ତରୀ ମତେ ଆୟ ବ୍ୟୟ** – ମେଷ – ୧୪-୨, ବୃଷ-୮-୫, ମିଥୁନ – ୧୪-୪, କର୍କଟ – ୮-୩, ସିଂହ – ୧୧-୨, କନ୍ୟା – ୧୪-୪, ତୁଳା – ୮-୫, ବିଛା – ୧୪-୨, ଧନୁ – ୧୧-୪, ମକର ୫-୫, କୁମ୍ଭ – ୫-୫, ମୀନ – ୧୧-୪।

## ପର୍ବଦିନ

ତା୪ ଶରଣ ଆରମ୍ଭ

ତା୮ ଶରଣ ଶେଷ

ତା୧୧ ପୁରୁଷୋତ୍ତମୀ ଏକାଦଶୀ ଉପବାସ ଓ ହଳ ନିଷେଧ

ତା୧୪ **ପହିଲି ରଜ,** ମାସାନ୍ତ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି

ତା୧୫ **ମିଥୁନ (ରଜ) ସଂକ୍ରାନ୍ତି,** ମଳ ଅମାବାସ୍ୟା ଓ ହ.ନି

ତା୧୬ ଶୁଦ୍ଧ ମାସ ଆରମ୍ଭ, ଚନ୍ଦ୍ର ଦର୍ଶନ, ଶେଷରଜ ଓ ଭୂଦାହ

ତା୧୭ ରମ୍ଭା ତୃତୀୟା ଓ **ବସୁମତୀ ସ୍ନାନ**

ତା୧୮ ଉମା ଚତୁର୍ଥୀ ଓ **ଶିବବିବାହୋତ୍ସବ**

ତା୧୯ **ଶୀତଳ ଷଷ୍ଠୀ** ଓ **ଆରଣ୍ୟକ ଷଷ୍ଠୀ**

ତା୨୦ **ଶ୍ରୀମନ୍ଦିରେ ଶୀତଳଷଷ୍ଠୀ** ଓ ଜଳକ୍ରୀଡ଼ା

ତା୨୧ **ବିଶ୍ୱ ଯୋଗ ଦିବସ**

ତା୨୪ ଗଙ୍ଗା ଦଶହରା

ତା୨୫ **ରୁକ୍ମିଣୀ ବିବାହ,** ନିର୍ଜଳା ଏକାଦଶୀ, ଲକ୍ଷ୍ମୀ ନାରାୟଣ ବ୍ରତ ଓ ହଳ ନିଷେଧ

ତା୨୬ ଚମ୍ପକ ଦ୍ୱାଦଶୀ ଓ **ମହରମ୍**

ତା୨୮ ଶ୍ରୀମନ୍ଦିରେ ଚତୁର୍ଥୀ ହୋମ

ତ୨୯ **ଦେବସ୍ନାନ ପୂର୍ଣ୍ଣିମା** ଚନ୍ଦ୍ରପୂଜା ଓ ଶ୍ରୀଜୀଉଙ୍କ ଅନବସର ଆରମ୍ଭ

ବିବାହ-ତା୧୯।୨୨।୨୬।୨୭ରିଖ
ବ୍ରତ - ତା୧୬ରିଖ (ସାମ)
ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।

# ସନ ୨୦୨୬ ମସିହା ଜୁନ୍ ମାସର ବାର ରାଶିଫଳ

**ମେଷ** – ବ୍ୟବସାୟୀକ କ୍ଷେତ୍ରରେ ବୁଦ୍ଧିମତା କାରଣରୁ ପ୍ରଚୁର ମାତ୍ରାରେ ଲାଭହେବ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ହସ ଖୁସିରେ ସମୟ ବିତିବ। ଟଙ୍କାର ଆବଶ୍ୟକତା ପୂରଣ ହୋଇ ବନ୍ଧୁବାନ୍ଧବଙ୍କ ଦିଗରୁ ସ୍ୱାର୍ଥ ପ୍ରବଣତାର ଅଭିବୃଦ୍ଧି ଘଟିବ। ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଆପଣା ଲୋକଙ୍କ ସାହାଯ୍ୟ ପାଇ ପାରିବାରିକ ଜୀବନ ସୁଧାରି ନବା ଫଳରେ ଦାମ୍ପତ୍ୟ ସୁଖରେ ଆନନ୍ଦିତ ହେବେ। ଶରୀର ସୁସ୍ଥ ହେବା ସହ ସାମାଜିକ ପତିଆରା ଅମଳିନ ରହିବ ଓ ମାନସିକ ସ୍ଥିରତା ଦେଖାଦେବ। ଚାକିରୀ କ୍ଷେତ୍ରରେ ପଦୋନ୍ନତି ହେବା ସହ ସ୍ଥାନାନ୍ତର ମଧ ହୋଇପାରେ। ଅବିବାହିତ ଯୁବକ ଯୁବତୀମାନଙ୍କର ବିବାହ ସ୍ଥିର ହେବ। ଦୂରଯାତ୍ରାର ସୁଯୋଗ ପାଇବେ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ କଦଳୀଗଛ ମୂଳରେ ହଳଦୀପାଣି ଦିଅନ୍ତୁ।

**ବୃଷ** – କେତେକ କ୍ଷେତ୍ରରେ ଉଚ୍ଚାକାଂକ୍ଷା ପୂର୍ତ୍ତି ନିମନ୍ତେ କଠିନ ପରିଶ୍ରମ କରିବାକୁ ପଡିବ। ଉତ୍ତରାଧିକାରୀ ସୂତ୍ରରୁ କିଛି ଧନ ସମ୍ପତ୍ତି ପାଇବାର ଯୋଗଅଛି। ବ୍ୟବସାୟରେ ଯେତେ ଅଧିକ ପରିଶ୍ରମ କରିବେ ସେତ ଅଧିକ ଲାଭ ହେବ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ନିଜର ଯୋଜନା ମୁତାବକ କାମକଲେ କୌଣସିପ୍ରକାର ଅସୁବିଧା ହେବନାହିଁ। ଆନୁଷ୍ଠାନିକ କାମ ହାସଲ କରିବା ସକାଶେ ସାହାଯ୍ୟ ଉପରେ ନିର୍ଭର କରିବେ। ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ସମ୍ବନ୍ଧରେ ଅଧିକ ଘନିଷ୍ଠତା ହେବା। ପରିବାରର ସଦସ୍ୟଙ୍କ ମନରେ ଆପଣଙ୍କ ପ୍ରତି ଭୁଲ୍ ବୁଝାମଣା ହୋଇପାରେ। ସ୍ୱାସ୍ଥ୍ୟ ସାମାନ୍ୟ ଦୁର୍ବଳ ରହିବ। ଗ୍ୟାଷ୍ଟିକ୍ ସମସ୍ୟା ଦେଖାଦେଇ ପାରେ କିନ୍ତୁ ଅଯଥା ଖର୍ଚ୍ଚ ପ୍ରତି ସାବଧାନ ରୁହନ୍ତୁ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମିଥୁନ** – ପୁରୁଣା ନିବେଶ ଲାଭ ଦେବ। ଶୁଭ ସମାଚାର ସ୍ୱାସ୍ଥ୍ୟ ଲାଭ ରହିବ। ଭ୍ରାତୃ ବିବାଦ ଦୂର ହୋଇ ପରବାରରେ ଯେତେ ସମସ୍ୟା ଥିଲେ ମଧ ଶାନ୍ତି ଅନୁଭବ କରିବେ। ଆର୍ଥିକ ଦିଗରୁ ବେଶ୍ ଅନୁକୂଳ ଥିବାରୁ କିଛି ନୂତନ ପଦାର୍ଥ ସଂଗ୍ରହ ବା ବ୍ୟାଙ୍କ ବାଲାନ୍ସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ମାନେ ଶିକ୍ଷାକୁ ଉଚିତ୍ ମନେକରି ପାଠ ପଢ଼ାରେ ମନେଯୋଗ ଦେବେ। ଜାଗା ଜମି, ଗୃହପୋକରଣ କ୍ରୟ କରିବେ। ନୂତନ ବନ୍ଧୁ ମିତ୍ରଙ୍କ ସହଯୋଗରେ ପ୍ରେମ ପ୍ରସଙ୍ଗରେ ଆଗକୁ ବଢ଼ିପାରିବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ଫଳରେ ସାଧାରଣ ଚଳଣି ଅତୁଟ ରହିବ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତା ପରୀକ୍ଷା ଓ ସାକ୍ଷାତ୍କାରରେ କୃତକାର୍ଯ୍ୟ ହେବେ। ଖାଇବା ପିଇବାରେ ସତର୍କ ନ ରହିଲେ ଉଦରପୀଡ଼ା ଭୋଗିବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**କର୍କଟ** – ବିଚାରବିଭାଗ ଚିକିତ୍ସାବିଭାଗ, ରାଜନୀତି ବିଭାଗ, ଶିକ୍ଷାବିଭାଗ, ଆଦିରେ କର୍ମରତ ବ୍ୟକ୍ତମାନେ ଆଶାତୀତ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ଉଚ୍ଚ ପଦ ପଦବୀର ପଦାଧିକାରୀ ହୋଇ ପାରିବେ। ବ୍ୟବସାୟ କ୍ଷେତ୍ରରେ ଭାଗ୍ୟ ଅନୁକୂଳ ହେତୁ ଆଶାତିତ ଲାଭ ମିଳିବ। ଅଚାନକ ଧନଲାଭ ହୋଇ ନୂତନ ଉଦ୍ୟୋଗରେ ପଇସା ଖଟେଇବେ। କିଛି ଅର୍ଥ ପାରିବାରିକ କ୍ଷେତ୍ରରେ ଆତ୍ମୀୟମାନଙ୍କ ଉପଚାର ରୋଗ ନିବୃତ୍ତି ପାଇଁ ଖର୍ଚ୍ଚ ହୋଇଯିବ। ପରର ଅନିଷ୍ଟ ଚିନ୍ତା ନ କରି ନ୍ୟାୟ ବାଟରେ ଚାଲିଲେ କ୍ରମଶଃ ବିପତ୍ତି କଟିବା ଫଳରେ ସୁଖ ସୌଭାଗ୍ୟ ବୃଦ୍ଧିହେବ। ଦୂରସ୍ଥାନକୁ ଯାତ୍ରା କରି ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପରିଚିତ ଲୋକଙ୍କଠାରୁ ଅଧିକ ଲାଭ ମିଳିବ କିନ୍ତୁ ସଞ୍ଚୟ କମ୍ ହେବ ଓ ଖର୍ଚ୍ଚ ଅଧିକ ହେବ। ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରିବା ସହିତ ପଢ଼ା ପାଢ଼ିରେ ମନଯୋଗ ଦେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ ଖାଇବାକୁ ଦିଅନ୍ତୁ।

**ସିଂହ** – ସାମାଜିକ କ୍ଷେତ୍ରରେ ରାଜକୀୟ ସମ୍ମାନ ମିଳିବ। ଶିକ୍ଷକ, ପ୍ରଶିକ୍ଷକ, ଅଭିନେତା, ନେତାମାନେ ଲାଭବାନ୍ ହେବେ। ବନ୍ଧୁଙ୍କ ଶୁଭକର୍ମରେ ଯୋଗଦେବାକୁ ପଡିପାରେ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ବ୍ୟବସାୟରେ ସଫଳତା ଅର୍ଜନ କରିବାର ସୁଯୋଗ ପାଇବେ। ଛାତ୍ର ଛାତ୍ରୀମାନେ ପାଠ ପଢ଼ାରେ ମନଯୋଗଦେବେ। ବ୍ୟବସାୟରେ ଯେତେ ଅଧିକ ପରିଶ୍ରମ କରିବେ ସେତେ ଅଧିକ ଲାଭ ହେବ। ଛାତ୍ରଛାତ୍ରୀମାନଙ୍କର ଶିକ୍ଷକ ଓ ସହପାଠୀ ମାନଙ୍କ ମଧରେ ସମନ୍ୱୟ ରହି ବନ୍ଧୁତ୍ୱ ବୃଦ୍ଧି ପାଇବ। ଦୂରେଇ ଯାଇଥିବା ବନ୍ଧୁମାନେ ପୁଣି ନିକଟବର୍ତ୍ତୀ ହେବେ। ଆର୍ଥିକ ଦିଗରୁ ଉନ୍ନତି ହେବା ସହ ଋଣ ପରିଶୋଧ କରିବାର ସୁଯୋଗ ପାଇବେ। ପୁରାତନ ରୋଗ ପୀଡ଼ାର ଉପଶମ ହେବ ଓ ମନୋରଂଜନ କାର୍ଯ୍ୟରେ ସମୟ କଟିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଗଙ୍ଗାଜଳ ଟିକେ ସେବନ କରନ୍ତୁ।

**କନ୍ୟା** – କର୍ମକ୍ଷେତ୍ରରେ ଉନ୍ନତି କରିବା ସହ ଉପରିସ୍ଥ ଅଧିକାରୀଙ୍କର କୃପା ଲାଭ କରିବେ। ଶିକ୍ଷା କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ବାଦବିବାଦ, ମାଲିମୋକଦ୍ଦମା, ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତ୍କାରରେ ଯଶସ୍ୱୀ ହେବେ। ସୁଖସୌଭାଗ୍ୟ ବୃଦ୍ଧି ହେବା ସହ ଆର୍ଥିକ ଦୃଷ୍ଟି କୋଣରୁ ଉନ୍ନତି ହେବ। ଆୟ ପନ୍ଥା ପାଇଁ ନୂତନ ଧାରା ଅବଲମ୍ବନ କରିବେ। ସନ୍ତାନମାନଙ୍କର ଶିକ୍ଷା, ଉଚ୍ଚଶିକ୍ଷାର ମନସ୍କାମନା ପୂର୍ଣ୍ଣ ହେବ। ପାରିବାରିକ କ୍ଷେତ୍ରରେ ଶୁଭ ସମାଚାର ଶୁଣି ଖୁସି ହେବେ। ଖଣିଜ ବ୍ୟବସାୟ, ଯାନବାହନ ବ୍ୟବସାୟ ଯାତାୟତ ବ୍ୟବସାୟ, ବାୟୁଯାନ, ରେଳ ବିଭାଗର ଟିକେଟ ବିକ୍ରି, ଭୂ-ଜାତ ଦ୍ରବ୍ୟ ବ୍ୟବସାୟ, ସାନିଟାରୀ, ଇଟା, କୋଇଲା, ହାର୍ଡୱାର, ମହମବତୀ, ପ୍ରେଟ୍ରୋଲିୟମ, କବାଡି, ଗାଈ, କୁକୁଡ଼ା, ଛେଳିଫାର୍ମ ଇତ୍ୟାଦିରେ କର୍ମରତ ବ୍ୟକ୍ତି ଓ ବ୍ୟବସାୟରେ ଅତ୍ୟଧିକ ଲାଭ ପାଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**ତୁଳା** – ପାରିବାରିକ ବ୍ୟବସ୍ଥା ପରି ବର୍ତ୍ତନ ସାଙ୍ଗକୁ ଅର୍ଥସଙ୍କଟରୁ ମୁକ୍ତି ମିଳିବ। ନିଜର ବାପା, ମା, ଭାଇ, ଭଉଣୀଙ୍କ କଥା ବୁଝିବାକୁ ବେଶି ଆଗଭର ହେବେ ଓ ମଧୁର ସଂପର୍କ ସ୍ଥାପନ ହୋଇପାରିବ। ମହତ୍ ଉଦ୍ଦେଶ୍ୟ ନେଇ ଉଚ୍ଚଆକାଂକ୍ଷାରେ କାର୍ଯ୍ୟକଲେ ନିଶ୍ଚୟ ଭାଗ୍ୟୋଦୟ ଦେବାସହ ଅଭିଳାଷପୂର୍ଣ୍ଣ ହେବ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଆଶାନୁରୂପ ଫଳପାଇବେ। ଇଲେକ୍ଟ୍ରୀ, ଇଲେକଟ୍ରୋନିକ୍ସ୍ ଠିକାଦାରୀ, ଧାତୁବ୍ୟବସାୟୀ, ଔଷଧଦୋକାନ, କଳକାରଖାନା, ଖଣିଜପଦାର୍ଥ, ଗୁଡ଼, ଲଙ୍କାମରିଚ, ମସୁରଡାଲି; ଧାନ, ଗହମ ଇତ୍ୟାଦି ବ୍ୟବସାୟ କରୁଥିବା ବ୍ୟକ୍ତିମାନେ କିମ୍ବା ଏହି ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନ ହେବେ। ନୂତନକର୍ମ ସଂସ୍ଥାନରେ ନିଯୁକ୍ତି ପାଇବାର ଯୋଗ ରହିଛି। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳତା ଲାଭ କରିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**ବିଛା** – ସୁଖ ସମୃଦ୍ଧି ବୃଦ୍ଧି ହେବ। କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ। ଭ୍ରାତୃ ବିବାଦ, ଜମିବାଡି ଓ ଘରଜାଗା ନେଇ ଥିବା ଦ୍ୱନ୍ଦର ସମାଧାନ ହେବ। ଯେ କୌଣସି କାର୍ଯ୍ୟ ହାତକୁ ନେଲେ ଶେଷ କରିବା ପରେ ଆଶ୍ୱସ୍ତି ହେବେ। ସନ୍ତାନଙ୍କର ଉନ୍ନତିରେ ଖୁସିହେବେ। ଦୀର୍ଘଦିନପରେ ଆପଣଙ୍କ ଜୀବନରେ ଅଧିକ ସୁଖ ଓ ସମୃଦ୍ଧିର ସମୟ ଉପସ୍ଥିତ ହୋଇଛି। ଆକସ୍ମିକ ଧନ ପ୍ରାପ୍ତି ହେବ। ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ। ବାଦବିବାଦ, ମାଲିମକଦ୍ଦମାରେ ସଫଳତା ପ୍ରାପ୍ତି ହେବ। ନୂତନ କାର୍ଯ୍ୟାରମ୍ଭ, ଶତ୍ରୁହାନୀ, ଉଚ୍ଚଆଶା ସଫଳହେବ ଓ ଉଚ୍ଚ ପ୍ରଶଂସା ଲାଭ କରିବେ। ସାହସୀ ଓ ଦୃଢ଼ସଂକଳ୍ପ ଫଳରେ ଚିତ୍ତ ପ୍ରସନ୍ନ ହୋଇ କାର୍ଯ୍ୟ ସିଦ୍ଧି ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ତୁଳସୀମୂଳ ମାଟି ମୁଣ୍ଡରେ ଧାରଣ କରନ୍ତୁ।

**ଧନୁ** – ଆୟର ଯଥେଷ୍ଟ ଅର୍ଥ ସାମାଜିକ ଏବଂ ଶୁଭକାର୍ଯ୍ୟରେ ଖର୍ଚ୍ଚ କରିବେ। ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବା ସହିତ ସ୍ୱାସ୍ଥ୍ୟ ଅନେକାଂଶରେ ଭଲ ରହିବ। ମିଛଆଶା ଉପରେ ନିର୍ଭର ନ କରି ନିଜକୁ ନିୟନ୍ତ୍ରଣ କରି ପାରିବେ। ବ୍ୟବସାୟ କ୍ଷେତ୍ରରେ ପ୍ରସାର ପ୍ରଚାର ଫଳରେ ସାମାନ୍ୟ ଲାଭ ପାଇବେ। କଳା ସାହିତ୍ୟ କିମ୍ବା ସାମାଜିକ କାମଗୁଡିକରେ ସମସ୍ୟା ସମାଧାନ ହୋଇପାରିବ। ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ, ଦଳ ସମର୍ଥନ ବଢ଼ିବା ସହ ମୁଖ୍ୟନେତାଙ୍କର ପ୍ରିୟପାତ୍ର ହେବେ। ଗୃହରେ ସୁଖଶାନ୍ତି ବିରାଜମାନ କରିବା ସହ ଦାମ୍ପତ୍ୟ ସୁଖରେ ସୁଖୀ ହେବେ। ଡାକ ଓ ତାର ବିଭାଗ, ଟ୍ରାନ୍ସପୋର୍ଟ ବିଭାଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ପରିଶ୍ରମ କରି ପ୍ରଶଂସା ପାଇବେ। ପୁରାତନ ରୋଗର ପ୍ରକୋପ ସହିତ ଉଦର ପୀଡା ଦେଖାଦେଇପାରେ। ଯାନବାହାନରେ ସତର୍କତା ଅବଲମ୍ବନ କରିବା ଉଚିତ୍। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମକର** – ପରିବାରର ମାମଲା ଘରୋଇ ସମସ୍ୟାର ସମାଧାନ ହେବ। କର୍ମକ୍ଷେତ୍ରରେ ସହଯୋଗୀ ମାନଙ୍କ ଯୋଗୁ ଉତ୍ତମ କାର୍ଯ୍ୟ କରି ପଦୋନ୍ନତି ପାଇବେ। ବାଦବିବାଦ ପରୀକ୍ଷା, ପ୍ରତିଯୋଗିତା ଓ ମାଲିମୋକଦ୍ଦମାର ଅବସାନ ହେବ। ରାଜନୀତି କ୍ଷେତ୍ରରେ ସାମୁହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିବା ସମ୍ଭବ ହେବ। ନିବେଶ ପାଇଁ ସମୟ ଉପଯୁକ୍ତ ଅଟେ। ସରକାରୀ କାମରେ ସଫଳତା ମିଳିବା ସହ ନୂତନ ବନ୍ଧୁଙ୍କୁ ପାଇ ଖୁସି ହେବେ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟରେ ନାନାପ୍ରକାର ସୁବିଧା ସୁଯୋଗ ମିଳିବ ଓ ପୁରୁଣା ପ୍ରାପ୍ୟ ମଧ ଆଦାୟ ହୋଇପାରେ। ଗୁରୁଜନ ଓ ଉଚ୍ଚପଦସ୍ତ ବ୍ୟକ୍ତିଙ୍କଠାରୁ ସମ୍ମାନ ମିଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ କେଶର ହଳଦୀ ଚନ୍ଦନ ମସ୍ତକରେ ଧାରଣ କରନ୍ତୁ।

**କୁମ୍ଭ** – କାର୍ଯ୍ୟକ୍ଷେତ୍ରରେ ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ପାଇବେ। ଆକସ୍ମିକ ଅର୍ଥଲାଭ, ସୁନାମ ପ୍ରାପ୍ତି ଓ ସମ୍ମାନ ବୃଦ୍ଧି ହେବ। ଜାଗା, ଜମି ଗୃହପୋକରଣ କ୍ରୟ କରି ପାରନ୍ତି। ବ୍ୟବସାୟ କ୍ଷେତ୍ରରେ ପ୍ରସାର ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ। ରୋଜଗାର ସମସ୍ୟା ସୁଧୁରି ଯାଇ ଧନଲାଭ ହେବାରୁ ମନ ଖୁସି ରହିବ। ଉଚ୍ଚପଦସ୍ଥ କର୍ମକର୍ତ୍ତା ମାନଙ୍କର କର୍ମ ଉପରେ ନଜର ପଡିପାରେ। କୌଣସି ଶୁଭ ସମାଚାର ମଧ ଶୁଣିବାକୁ ମିଳିବ। ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତା ପରୀକ୍ଷା ଓ ସାକ୍ଷାତ୍ କାରରେ କୃତକାର୍ଯ୍ୟ ହେବେ। ଯେକୌଣସି ଯନ୍ତ୍ରଚାଳନା, ଯାନବାହାନ ଓ ଜଙ୍ଗଲ ବିପଦ ସଙ୍କୁଳ କ୍ଷେତ୍ରରେ କର୍ମରତ ବ୍ୟକ୍ତିମାନେ ଲାଭବାନ ହୋଇପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଉଚିତ୍ ମନେକରି ପାଠପଢ଼ାରେ ମନଯୋଗ ଦେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**ମୀନ** – ସାମାଜିକ ପତିଆରା ଅମଳିନ ରହିବ ଓ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆସିବ। କର୍ମକ୍ଷେତ୍ରରେ ସହଯୋଗୀ ମାନଙ୍କ ଯୋଗୁ ଉତ୍ତମ କାର୍ଯ୍ୟକରି ପଦୋନ୍ନତିର ସୁଯୋଗ ପାଇବେ। ନିଜର ପ୍ରଭାବ ଓ ପରାକ୍ରମ ବୃଦ୍ଧି ପାଇବା ଫଳରେ ଅଧିକାରୀ କାମରେ ପ୍ରସନ୍ନ ରହିବେ। ପାରିବାରିକ କ୍ଷେତ୍ରରେ ସ୍ୱାର୍ଥ ପ୍ରବୃତ୍ତିର ଶୀକାର ହୋଇ ସର୍ମକର ମଧୁର ସ୍ୱାଦ ଅନୁଭବ କରିବେ। ନୂଆଲକ୍ଷ ପୂରଣ କରିବା ପାଇଁ ସାହାର୍ଯ୍ୟ ସହଯୋଗ ପାଇବେ। ଜାଗା, ଜମି, ଉଚ୍ଚସ୍ତରୀୟ ବାହନ ଆଦି କ୍ରମ କରିବେ। ରାଜନୀତିରେ ଉଚ୍ଚପ୍ରଶଂସିତ ହେବେ ଓ ସଫଳତା ମିଳିବ। ଭ୍ରମଣ, ପ୍ରଶାସନ, ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ସମ୍ବନ୍ଧରେ ଅଧିକ ଘନିଷ୍ଠତା ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ହରିଡା ଚନ୍ଦନ ମୁଣ୍ଡରେ ଲଗାନ୍ତୁ।

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ଼, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ଜୁଲାଇ ୨୦୨୬
## JULY 2026

ରୌଦ୍ର ସମ୍ବତ୍ସର ମିଥୁନ (ଆଷାଢ଼) ଦି୧୭ନ ଠାରୁ କର୍କଟ (ଶ୍ରାବଣ) ଦି୧୫ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୧୫ | ଘ୬।୨୫ |
| ତା୧୦–ଘ୫।୧୭ | ଘ୬।୨୬ |
| ତା୨୦–ଘ୫।୨୧ | ଘ୬।୨୫ |
| ତା୩୧ –ଘ୫।୨୫ | ଘ୬।୨୦ |

| ରବି SUN | | ୫<br>୨୧ ପଞ୍ଚମୀ<br>ଶତଭିଷା କୁମ୍ଭ | ୧୨<br>୨୮ ତ୍ରୟୋଦଶୀ<br>ରୋହିଣୀ ବୃଷ | ୧୯<br>୩ ଷଷ୍ଠୀ<br>ଉତ୍ତରଫା କନ୍ୟା | ୨୬<br>୧୦ ଦ୍ୱାଦ୍ଦଶୀ<br>ଜ୍ୟେଷ୍ଠା ବିଛା |
|---|---|---|---|---|---|
| ସୋମ MON | | ୬<br>୨୨ ଷଷ୍ଠୀ<br>ପୂର୍ବଭାଦ୍ର କୁମ୍ଭ | ୧୩<br>୨୯ ଚତୁର୍ଦ୍ଦଶୀ<br>ମୃଗଶିରା ଆଦ୍ରା କ୍ଷଃ ମିଥୁନ | ୨୦<br>୪ ସପ୍ତମୀ<br>ହସ୍ତା କନ୍ୟା | ୨୭<br>୧୧ ତ୍ରୟୋଦଶୀ<br>ମୂଳା ଧନୁ |
| ମଙ୍ଗଳ TUE | | ୭<br>୨୩ ସପ୍ତମୀ<br>ଉତ୍ତରାଭାଦ୍ର ମୀନ | ଅମାବାସ୍ୟା ୧୪<br>୩୦ ପୁନର୍ବସୁ<br>ମିଥୁନ | ୨୧<br>୫ ଅଷ୍ଟମୀ<br>ଚିତ୍ରା କନ୍ୟା | ୨୮<br>୧୨ ଚତୁର୍ଦ୍ଦଶୀ<br>ପୂର୍ବାଷାଢ଼ା ଧନୁ |
| ବୁଧ WED | ୧<br>ମିଥୁନ ଦି୧୭ନ<br>ପ୍ରତିପଦ ପୂର୍ବାଷାଢ଼ା ଧନୁ | ୮<br>୨୪ ଅଷ୍ଟମୀ<br>ରେବତୀ ମୀନ | ୧୫<br>୩୧ ପ୍ରତିପଦ<br>ପୁଷ୍ୟା କର୍କଟ | ୨୨<br>୬ ନବମୀ<br>ସ୍ୱାତୀ ତୁଳା | ପୂର୍ଣ୍ଣିମା ୨୯<br>୧୩ ଉତ୍ତରଷାଢ଼ା<br>ମକର |
| ଗୁରୁ THU | ୨<br>୧୮ ଦ୍ୱିତୀୟା<br>ଉତ୍ତରଷାଢ଼ା ମକର | ୯<br>୨୫ ନବମୀ<br>ଅଶ୍ୱିନୀ ମେଷ | ୧୬<br>୩୨ ଦ୍ୱିତୀୟା<br>ଅଶ୍ଳେଷା କର୍କଟ | ୨୩<br>୭ ନବମୀ ମଳ<br>ବିଶାଖା ତୁଳା | ୩୦<br>୧୪ ପ୍ରତିପଦ<br>ଶ୍ରବଣା ମକର |
| ଶୁକ୍ର FRI | ୩<br>୧୯ ତୃତୀୟା<br>ଶ୍ରବଣା ମକର | ୧୦<br>୨୬ ଦଶମୀ<br>ଦ୍ୱିଜା ମେଷ | ୧୭<br>କର୍କଟ ଦି୧ନ<br>ତୃତୀୟା ଚତୁର୍ଥୀ<br>ମଘା ସିଂହ | ୨୪<br>୮ ଦଶମୀ<br>ଅନୁରାଧା ବିଛା | ୩୧<br>୧୫ ଦ୍ୱିତୀୟା<br>ଧନିଷ୍ଠା ମକର |
| ଶନି SAT | ୪<br>୨୦ ଚତୁର୍ଥୀ<br>ଧନିଷ୍ଠା କୁମ୍ଭ | ଏକାଦଶୀ ୧୧<br>୨୭ ଦ୍ୱାଦଶୀ କ୍ଷଃ<br>କୃତ୍ତିକା ବୃଷ | ୧୮<br>୨ ପଞ୍ଚମୀ<br>ପୂର୍ବାଫା ସିଂହ | ଏକାଦଶୀ ୨୫<br>୯ ଜ୍ୟେଷ୍ଠା<br>ବିଛା | |

## ପର୍ବଦିନ

ତା୧ ଶରଣ ଆରମ୍ଭ
ତା୫ ଅଣସର ପଞ୍ଚମୀ ଓ ଫୁଲୁରୀ ଲାଗି
ତା୬ ଶରଣ ଶେଷ
ତା୧୦ ଅନବସର ଦଶମୀ
ତା୧୧ ଖଳିଲାଗି ଏକାଦଶୀ ଉପବାସ, ଅଣସର ଦ୍ୱାଦଶୀ ଓ ହ.ନି
ତା୧୨ ଅଣସର ତ୍ରୟୋଦଶୀ, ଘଣାଲାଗି
ତା୧୩ ଚନ୍ଦ୍ରକ୍ଷୟ, ନିଶିପାଳନ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ହ.ନି
**ତା୧୪** ଅମାବାସ୍ୟା, **ନେତ୍ରୋତ୍ସବ** ଓ ଗୋସହସ୍ରୀ ସ୍ନାନ
ତା୧୫ ଶ୍ରୀଜୀଉଙ୍କ ଉଭାଯାତ୍ରା, ଚନ୍ଦ୍ର ଦର୍ଶନ ପୂଜା ଓ ଉପବାସ
**ତା୧୬ ଶ୍ରୀଗୁଣ୍ଡିଚା (ରଥଯାତ୍ରା)**, ମାସାନ୍ତ
**ତା୧୭ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି** ଓ ହ.ନି
ତା୨୦ ହେରା ପଞ୍ଚମୀ
**ତା୨୧** ବିପତ୍ତାରିଣୀ ବ୍ରତ ଓ **ପର୍ଶୁରାମାଷ୍ଟମୀ**
ତା୨୨ ନବମୀର ସନ୍ଧ୍ୟା ଦର୍ଶନ
ତା୨୩ ନବମୀ ଦର୍ଶନ
**ତା୨୪ ବାହୁଡ଼ା ଯାତ୍ରା**
**ତା୨୫ ହରି ଶୟନ (ବଡ଼) ଏକାଦଶୀ ଉପବାସ, ଶ୍ରୀଜୀଉଙ୍କର ସୁନାବେଶ** ଓ ହ.ନି
ତା୨୬ ଗରୁଡ଼ ଶୟନୋତ୍ସବ ଓ ଅଧରପଣା
ତା୨୭ ନିଳାଦ୍ରୀ ବିଜେ, ଶିବ ଶୟନ ଓ ଶିବ ଚତୁର୍ଦ୍ଦଶୀ ଉପବାସ
ତା୨୮ ଶରଣ ଆରମ୍ଭ
**ତା୨୯ ବ୍ୟାସ ପୂର୍ଣ୍ଣିମା** ଓ ଚନ୍ଦ୍ରପୂଜା

ବିବାହ–ତା୧ରିଖ
ବ୍ରତ – ତା୧।୫ରିଖ
**ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ ।**

# ସନ ୨୦୨୬ ମସିହା ଜୁଲାଇ ମାସର ବାର ରାଶିଫଳ

**ମେଷ** – ଠିକାଦାରୀ, ସଡ଼କ, ଗୃହନିର୍ମାଣ ସାମଗ୍ରୀ ବ୍ୟବସାୟ, ପ୍ଲାଷ୍ଟିକ ଚମଡ଼ା, ବସ୍ତ୍ର, ଫଳ, ପନିପରିବା, ଖାଇବାତେଲ, ଲୁହା, ମୋଟରପାର୍ଟସ୍, କୋଇଲା, ପେଟ୍ରୋଲିୟମ ପଦାର୍ଥ, ଏଜେନ୍ସି ଆଦି ବ୍ୟବସାୟରେ ଲାଭବାନ ହୋଇ ପାରନ୍ତି । ନିଜର ପ୍ରତିପତି ବିସ୍ତାର କରିପାରିବେ । କର୍ମକ୍ଷେତ୍ରରେ ସହକର୍ମୀ ଓ ବିଭାଗୀୟ ଅଧିକାରୀମାନଙ୍କ ସହ ସମ୍ପର୍କରେ ମଧୁରତା ସୃଷ୍ଟି ହେବା ଫଳରେ ପଦୋନ୍ନତି ସୁଯୋଗ ପାଇବେ । ବ୍ୟବସାୟୀମାନେ ଶ୍ରମିକ ଓ କର୍ମଚାରୀମାନଙ୍କୁ ସଠିକ୍ ପରାମର୍ଶ ଦେଇ ଧନମାନ ଦିଗରୁ ସୁରକ୍ଷିତ ରହିବା ସହ ସମୟ ଯୋଗପ୍ରଦ ଥିବାରୁ କାରବାର ଦିଗରୁ ପ୍ରଚୁର ଲାଭବାନ୍ ହେବେ । ଗୃହନିର୍ମାଣ ଜମିଜମା କ୍ରୟ ବିକ୍ରୟ କରୁଥିବା ନ୍ୟାୟ ବାଟରେ ଚାଲିଲେ କ୍ରମଶଃ ବିପତ୍ତି କଟିବା ଫଳରେ ସୁଖ ସୌଭାଗ୍ୟ ବୃଦ୍ଧି ହେବ । ପାରିବାରିକ ବ୍ୟବସ୍ଥା ପରିବର୍ତ୍ତନ ସାଙ୍ଗକୁ ଅର୍ଥସଙ୍କଟ ମିଳିବ । **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତି ।

**ବୃଷ** – ମନୋକାମନା , ପୂରଣ ହେବା ସହ ଆତ୍ମବିଶ୍ୱାସ ବୃଦ୍ଧି ହୋଇ ଲାଭର ମାର୍ଗ ପ୍ରଶସ୍ତ ହେବ। ବିଦ୍ୟୁତ୍‌ବିଭାଗ, ପ୍ରଶାସନ ବିଭାଗ, ଜ୍ୟୋତିଷ, ବିଚାର ବିଭାଗ, ଡାକ, ଓ ତାର ବିଭାଗ, ବୈଜ୍ଞାନିକ, ନୃତ୍ୟ ଓ ସଂଗୀତ ବିଭାଗ, ଜଳଦାୟ ବିଭାଗ, ସମାଜସୁଧାରକ, ଶିକ୍ଷା ବିଭାଗ, ସମାଚାର ବିଭାଗରେ କର୍ମରତ ଥିଲେ ଲାଭବାନ ହେବ । ପାରିବାରିକ କ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ମାନ-ସମ୍ମାନ ବୃଦ୍ଧି ହେବ । ଦୂରଯାତ୍ରାର ସୁଯୋଗ ପାଇବେ । ଉଚ୍ଚସ୍ତରୀୟ ଯାନବାହନ କ୍ରୟ କରିବାର ସୁବିଧା ସୁଯୋଗ ପାଇବେ । ବ୍ୟବସାୟୀକ, ଆଧ୍ୟାତ୍ମିକ, ଉଚ୍ଚଶିକ୍ଷା ନିମିତ୍ତି ଯାତ୍ରା ଫଳରେ ଅତ୍ୟନ୍ତ ଲାଭବାନ ହେବେ । ଦୀର୍ଘଦିନ ଧରି ଅଧା ହୋଇ ପଡ଼ିଥିବା କାର୍ଯ୍ୟମାନ ଧୀରେ ଧୀରେ ପୂର୍ଣ୍ଣ ହୋଇଯିବ । ନଷ୍ଟପାଇଥିବା ପ୍ରତିଷ୍ଠା ପ୍ରତିପତ୍ତି ପୁନର୍ବାର ଫେରିପାଇ ସମ୍ମାନିତ ହେବେ । ଆୟର ଯଥେଷ୍ଟ ଅର୍ଥ ଶୁଭକାର୍ଯ୍ୟରେ ଖର୍ଚ୍ଚକରିବେ । **ପ୍ରତିକାର**–ପ୍ରତ୍ୟେକ ଦିନ ତୁଳସୀମୂଳ ମାଟି ମୁଣ୍ଡରେ ଲଗାନ୍ତୁ ।

**ମିଥୁନ** – ସାମାଜିକ ପ୍ରତିଷ୍ଠା, ମାନ ସମ୍ମାନ ବୃଦ୍ଧି ପାଇବ । ଜୀବନସାଥିଙ୍କ ସହଯୋଗରେ ଆର୍ଥୀକ ଲାଭ ହେବ । ଭ୍ରମଣ, ରାଜନୀତି, ପ୍ରଶାସନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ । କଳା, ସାହିତ୍ୟ ଓ ଚଳଚ୍ଚିତ୍ର ସଂଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ପ୍ରସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି । ଅଚାନକ ଧନପ୍ରାପ୍ତି ହେବା ସହ ମାନ ସମ୍ମାନ ବୃଦ୍ଧି ହେବ । ପାରିବାରିକ ଜୀବନରେ ଶାନ୍ତି, ଭାଇ ଭଉଣୀ ମାନଙ୍କ ସହିତ ଉତ୍ତମ ସମ୍ପର୍କ ରହିବ । ବନ୍ଧୁବାନ୍ଧବଙ୍କଠାରୁ ପୂର୍ଣ୍ଣ ସହଯୋଗ ପ୍ରାପ୍ତ ହେବ । ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ । ବ୍ୟବସାୟ ଶୁଭାରମ୍ଭ କରିବାର ସୁଯୋଗ ପାଇବେ । ରାଜନୈତିକ କ୍ଷେତ୍ରରେ ନିଜସ୍ୱ ପ୍ରଶଂସାର ବଶବର୍ତ୍ତି ହୋଇ ନିଜ ଇଚ୍ଛାଶକ୍ତି ପ୍ରୟୋଗ ମାଧ୍ୟମରେ ଅହଂକାରକୁ ହ୍ରାସ କରି ପାରିବେ । **ପ୍ରତିକାର** – ପ୍ରତ୍ୟେକ ଦିନ ଅଶ୍ୱସ୍ଥ ବୃକ୍ଷମୂଳରେ ଗୁଡ଼ ଥୋଇ ପ୍ରଣାମ କରନ୍ତୁ ।

**କର୍କଟ** – ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମାନସିକ ଶାନ୍ତି ଅନୁଭବ କରିବେ । ନୂଆ ଜ୍ଞାନର ବୃଦ୍ଧି ହେତୁ ପ୍ରଚୁର ଧନଲାଭ ହେବ । ଆବଶ୍ୟକ ଅର୍ଥ ଆଦାନ ପ୍ରଦାନ ସୁଚାରୁରୂପେ ହେବ । ବ୍ୟବସାୟ ସମ୍ବନ୍ଧିତ ଯାତ୍ରା କରିବାକୁ ପଡିପାରେ । ଘର ପରିବାରରେ ବାତାବରଣ ଶାନ୍ତିପୂର୍ଣ୍ଣ ରହିବ । କୌଣସି ନୂତନ କର୍ମ କରୁଥିଲେ ସଥେରେ ବିଜୟୀ ହେବେ । ନୂତନ ବନ୍ଧୁମିଳନ ହେତୁ ମନଖୁସୀ ରହିବ । ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ । ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ । ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ଫଳରେ ପ୍ରଶଂସା ପାଇବେ । ନିଜର ପୁରାତନ ରୋଗର ପ୍ରକୋପରେ ହଇରାଣ ହରକତ ହେବେ **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲାକୁକୁରକୁ ଖାଇବାକୁ ଦିଅନ୍ତୁ ।

**ସିଂହ** – ମିତ୍ରଙ୍କ ସାହାଯ୍ୟ ଦ୍ୱାରା ପାରିବାରିକ ସ୍ଥିତି ସନ୍ତୋଷ ଜନକ ହେବ । ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ସଫଳ ହେଲେ । ବିଦ୍ୟାକ୍ଷେତ୍ରରେ ଉନ୍ନତି ହେବା ସହ ଉଚ୍ଚଶିକ୍ଷା କ୍ଷେତ୍ରକୁ ଆଗେଇବା ପାଇଁ ଚେଷ୍ଟା ଜାରି ରଖିବେ । ମାନସିକ ଦୁଶ୍ଚିନ୍ତା ଶତ୍ରୁବଧା ଦୂରେଇଯିବ । ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ । ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ । ରାଜନୀତି କ୍ଷେତ୍ରରେ ସମ୍ମାନ ପାଇବେ । ସାମ୍ବାଦିକତାରୁ ଲାଭ ଓ ଶୁଭ ସମାଚାର ମିଳିବ । ପାର୍ଟି ବା ସମାରୋହରେ ସମ୍ମିଳିତ ହେବାକୁ ପଡ଼ିପାରେ । ସ୍ୱାସ୍ଥ୍ୟ ଠିକ୍ ରହିବ । ବ୍ୟବସାୟରେ ନାନାପ୍ରକାର ସୁବିଧା ସୁଯୋଗ ମିଳିବା ସହ ପୁରୁଣା ପ୍ରାପ୍ୟ ମଧ୍ୟ ଆଦାୟ ହୋଇପାରେ । ଆୟ ଉପାର୍ଜନ କ୍ଷେତ୍ରପ୍ରତି ସଙ୍କଟ ସୃଷ୍ଟି ହେବ ନାହିଁ । ଆପଣା ଲୋକଙ୍କ ମଧ୍ୟରୁ କେହି କ୍ଷୟକ୍ଷତି ଘଟାଇବାର ଉଦ୍ୟମ କରି ପାରନ୍ତି । **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ ।

**କନ୍ୟା** – ବାଦବିବାଦ, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀତାପରୀକ୍ଷା ଓ ସାକ୍ଷାତକାରରେ ଉଚ୍ଚ ପ୍ରଶଂସିତ ହେବେ । ବ୍ୟବସାୟ କ୍ଷେତ୍ରରେ ମନ ଲାଗିବା ଦ୍ୱାରା ପ୍ରଚାର ପ୍ରସାର ପାଇଁ ଯୋଜନା କରିବେ । ବ୍ୟବସାୟୀମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେବେ । ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ । ବିଦେଶ ଯାତ୍ରା ଫଳରେ ବିଶେଷ ଲାଭବାନ ହେବେ । ବନ୍ଧୁ ବାନ୍ଧବଙ୍କଦ୍ୱାରା ସମସ୍ୟାର ସମାଧାନ ହୋଇ ସାମାଜିକ ପ୍ରତିଷ୍ଠା ମାନ ସମ୍ମାନ ବୃଦ୍ଧି ହେବ । ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରେ ସଫଳତା ଲାଭ କରିବେ । ଭ୍ରମଣ, ପ୍ରକାଶନ, ସଂଗଠନ, ଅନୁସନ୍ଧାନ କାର୍ଯ୍ୟରେ ଲାଭ ପାଇବେ । ମାନସିକ ବୌଦ୍ଧିକ ଓ ଭାବନାତ୍ମକ ରୂପରେ ଅଧିକ ସକ୍ଷମ ହେବେ । ଶତ୍ରୁମାନେ ପରାଜିତ ହେବେ ଓ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ ।

**ତୁଳା** – ନୂତନ ବ୍ୟବସାୟ ଯୋଜନାର ଶିଳାନ୍ୟାସ କଲେ, ତାହା ଦୀର୍ଘସ୍ଥାୟୀ ହେବ । ଶିକ୍ଷାକ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ କର୍ମ ନିଯୁକ୍ତି କ୍ଷେତ୍ରରେ ସଫଳ ହେବେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଆସିବ ଓ ଯେଉଁ କାର୍ଯ୍ୟରେ ହାତ ହେବେ ଉନ୍ନତି ଦେଖାଦେବ । ଜମି, ଜାଗା, ବାସଗୃହ ଓ ଯାନବାହାନ୍ କ୍ରୟ କରିବାର ସୁବିଧା ପାଇବେ । ବ୍ୟବସାୟରେ ଆଶାଦିତ ଲାଭ କରି କିଛି ନୂତନ ପଦାର୍ଥ ସଂଗ୍ରହ କରିପାରନ୍ତି । ପରିବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ ନେଇ ମାନପ୍ରତିଷ୍ଠା ବଢ଼ିବ । କର୍ମକ୍ଷେତ୍ରରେ ଅପେକ୍ଷାକୃତ ସୁସ୍ଥ ବାତାବରଣ ଦେଖାଦେବ । ଧାର୍ମିକ କାର୍ଯ୍ୟରେ ଯୋଗଦେବା ଫଳରେ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ । ବାଦବିବା, କ୍ରୀଡା, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗୀ ପରୀକ୍ଷା ଓ ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ । **ପ୍ରତିକାର** – ପ୍ରତ୍ୟେକ ଦିନ ଦହିମିଠା ଖାଇ ଘରୁ ବାହାରନ୍ତୁ ।

**ବିଛା** – ଶାରିରୀକ ସୁସ୍ଥତା ଦେଖାଦେବ । ପୂର୍ବଶତ୍ରୁମାନେ ପଛଘୁଞ୍ଚା ଦେବେ । ଅକସ୍ମାତ୍ ଧନଲାଭ ହୋଇ ଶତ୍ରୁ, ରୋଗ, ଋଣରୁ ମୁକ୍ତି ହେବେ । ବିଦେଶ ଯାତ୍ରାରେ ସଫଳ ହେବେ । ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ । ସରକାରୀ କର୍ମଚାରୀମାନଙ୍କର କର୍ମ କ୍ଷେତ୍ରରେ ପଦୋନ୍ନତିରେ ସଫଳତା ଲାଭ କରିବେ । ନୂତନ ଆୟର ପନ୍ଥା ଖୋଲିଯିବ । ପରାକ୍ରମ ପ୍ରତିଷ୍ଠା ମାନସମ୍ମାନ ବୃଦ୍ଧି ହେବ । ମାଲିମୋକଦ୍ଦମାରେ ସଫଳ ହେବେ । ବିଶେଷ କରି ବିଦ୍ୟାର୍ଥୀମାନେ ଉଚ୍ଚପ୍ରଶଂସିତ ହେବେ । ଛାତ୍ର-ଛାତ୍ରୀମାନେ ଉଚ୍ଚ ଶିକ୍ଷାରେ ସମ୍ମାନିତ ହେବେ । ଗୃହୋପକରଣ କ୍ରୟ କରିବା ଯୋଗେ ବ୍ୟୟ ଅଧିକ ହେବ । ବ୍ୟବସାୟ କ୍ଷେତ୍ରରେ କରଜର ମାତ୍ରା ହ୍ରାସ ପାଇବ । ରାଜନୀତି କ୍ଷେତ୍ରରେ ପ୍ରଶଂସା ପାଇବା ଫଳରେ ଦେହମନ ଭଲ ରହିବ । ବିରାଟ ଯୋଜନାର ସଂକଳ୍ପ ନେବେ । **ପ୍ରତିକାର** – ପ୍ରତ୍ୟେକ ଦିନ ବାପା ମାଆ ଓ ଗୁରୁଙ୍କୁ ପ୍ରଣାମ କରନ୍ତୁ ।

**ଧନୁ** – ବ୍ୟବସାୟ ପାଇଁ ଭ୍ରମଣ କରିବା ଫଳରେ ଅଧିକ ଲାଭାନ୍ୱିତ ହେବେ । ଉଚ୍ଚାଧିକାରୀଙ୍କ ଠାରୁ ସୁଯୋଗ ପାଇ ସହକର୍ମୀଙ୍କ ସହ ବିବାଦ ମେଣ୍ଟିଯିବା ଫଳରେ ସବୁ କିଛି ସୁନ୍ଦର ହିଁ ଦେଖାଦେବ । ପ୍ରେମିକ ପ୍ରେମିକାମାନେ ଗୁପ୍ତ ପ୍ରେମରେ ସଫଳ ହେବେ । ବ୍ୟବସାୟ କ୍ଷେତ୍ରରେ ଚେଷ୍ଟା କଲେ ବହୁତ ଦିନରୁ ରହିଥିବା ବାକିଟଙ୍କା ମିଳିଯିବ । କେତେକ କ୍ଷେତ୍ରରେ ସାମାନ୍ୟ ସୁବିଧା ପାଇବେ । ପୁଅ ଝିଅଙ୍କ କର୍ମସ୍ଥିର ହେବା ଫଳରେ ଖୁସି ହେବେ । ରାଜନୀତି କ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ଯୋଗେ ଯଶ ମିଳିବ । ବନ୍ଧୁବାନ୍ଧବଙ୍କ ଦିଗରୁ ସ୍ୱାର୍ଥ ପ୍ରବଣତାର ଅଭିବୃଦ୍ଧି ଘଟିବ । ପ୍ରିୟଜନମାନେ ଆଗକୁ ବଢ଼ିବାରେ ସାହାଯ୍ୟ କରିବେ । କର୍ମନିଷ୍ଠା ମଧ୍ୟରେ ନିଜକୁ ସୀମିତ ରଖିବା ହିତକର ହେବ । ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ । **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ଓ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ ।

**ମକର** – ରାଜନୈତିକ କ୍ଷେତ୍ରରେ ସାବଧାନତା ପୂର୍ବକ ପାଦ ବଢ଼େଇବା ବୁଦ୍ଧିମତାପୂର୍ଣ୍ଣ ହେବ । ନୂତନକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ହାତେମାପି ଚାଖଣ୍ଡେ ଚାଲିବା ବିଧେୟ । ତୀର୍ଥାଟନଯୋଗ ଥିବାରୁ ଯାତ୍ରାକାଳରେ କଷ୍ଟ ଭୋଗି ପାରନ୍ତି । ଯେ କୌଣସି କାର୍ଯ୍ୟ ହାତକୁ ନେଲେ ଶେଷ କରିବା ପରେ ଆଶ୍ୱସ୍ତି ହେବେ । ସନ୍ତାନଙ୍କର ଉନ୍ନତିରେ ଖୁସିହେବେ । ବ୍ୟବସାୟରେ ଉଧାର ଦେଲେ ଫେରି ପାଇବା କଷ୍ଟକର ହେବ ତେଣୁ ବୁଝି ବିଚାରି କାର୍ଯ୍ୟ ନକଲେ ଅପମାନ ସହ୍ୟ କରିବାକୁ ପଡ଼ିପାରେ । ଆବଶ୍ୟକସ୍ଥଳେ ଛଳନାର ଆଶ୍ରୟ ନେଇ ନିଜର ବ୍ୟକ୍ତିତ୍ୱ ଅକ୍ଷୁର୍ଣ୍ଣ ରଖିବେ । ବଡପଣିଆ ଦେଖାଇଲେ ମନ୍ଦଫଳ ଭୋଗିବାକୁ ପଡିବ । ମାଲିମୋକଦ୍ଦମାର ଭୟ ରହିବ । ତରବରିଆ ହିସାବରେ କୌଣସି କାର୍ଯ୍ୟ ନକରି ସବୁଆଡକୁ ନଜର ଦେଇ କାମ କରିବା ଉଚିତ୍ । **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ ।

**କୁମ୍ଭ** – କଳା, ସାହିତ୍ୟ ଚଳଚ୍ଚିତ୍ର ସଂଗୀତାଦି କ୍ଷେତ୍ରରେ ପ୍ରଶଂସା ପାଇବେ । ଉଚ୍ଚପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନଲାଭ ଓ ସାହାଯ୍ୟ ସହଯୋଗ ମିଳିବ । ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ । ନୂତନ କର୍ମ ସଂସ୍ଥାରେ ନିଯୁକ୍ତି ପାଇବାର ଯୋଗ ମଧ୍ୟ ରହିଛି । ବ୍ୟବସାୟ ଶୁଭାରମ୍ଭ କରିବାର ସୁଯୋଗ ପାଇବେ । ଭାଇ ଭଉଣୀ ମାନଙ୍କ ସହିତ ଉତ୍ତମ ସମ୍ପର୍କ ରହିବ । ପାରିବାରିକ ଜୀବନରେ ଶାନ୍ତି, ବନ୍ଧୁ ବାନ୍ଧବଙ୍କଠାରୁ ପୂର୍ଣ୍ଣ ସହଯୋଗ ପ୍ରାପ୍ତ ହେବ । ଶିକ୍ଷା କ୍ଷେତ୍ରରେ ସଫଳତା ଅର୍ଜନ କରିବେ । କୌଣସି କାର୍ଯ୍ୟକ୍ରମରେ ସମ୍ମାନିତ ହେବେ । ବ୍ୟବସାୟରେ ସଫଳତା, ନୂଆନୂଆ ବ୍ୟବସାୟିକ ସଂପର୍କସ୍ଥାପନ ଭାଗିଦାର ବ୍ୟବସାୟ ପାଇଁ ସାହାଯ୍ୟ ସଯୋଗ ଅଚାନକ ମିଳିବ । ଅର୍ଥ ସଂପର୍କିତ ଚୁକ୍ତିପତ୍ର କଲେ ପ୍ରଚୁର ଲାଭବାନ ହେବେ । **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ ।

**ମୀନ** – ଆୟକୁ ଚାହିଁ ବ୍ୟୟର ଅଟକଳ ନ କଲେ ଲୋକହସା ହେବେ । କର୍ମରେ ଉନ୍ନତି ସହିତ ବାସସ୍ଥାନ ବା ଯାନବାହନର ନବୀକରଣ ଇତ୍ୟାଦି ନାନାବିଧ ସୁଯୋଗପ୍ରାପ୍ତି ହେବ । ଋଣ ପରିଶୋଧ କରିବାର ସୁଯୋଗ ପାଇବେ । ଆର୍ଥିକ ଉନ୍ନତି, ଅଚାନକ ଧନ ପ୍ରାପ୍ତି ହେବା ସହ ମାନ ସମ୍ମାନ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ଉନ୍ନତି କରିବା ସହ ଉପରିସ୍ଥ ଅଧିକାରୀଙ୍କର କୃପା ଲାଭ କରିବେ । ପ୍ରେମିକ ପ୍ରେମିକାମାନେ ଆମୋଦପ୍ରମୋଦ, ମନୋରଞ୍ଜନ, ନୃତ୍ୟ ଗୀତ, ଭୋଜିଭାତ, ମଉଜମଜଲିସ୍‌ରେ ମଜ୍ଜି ରହିବେ । କୃଷିଦ୍ରବ୍ୟ ବାଣିଜ୍ୟରେ ଆୟ ଆଶାତୀତ ହେବ । ଦେହମନ ଭଲ ରହିବ ଓ ଶାନ୍ତି ପାଇବେ । କଳକାରଖାନା ଓ ଶିଳ୍ପ ପ୍ରଭୃତିର ମାଲିକମାନେ ଏବଂ କଣ୍ଟ୍ରାକ୍ଟରମାନେ ଆନନ୍ଦିତ ହେବେ । ବିଦେଶ ଯାତ୍ରାରେ ସଫଳ ହେବେ । ସନ୍ତାନମାନେ ବ୍ୟବହାରକୁଶଳ, ଅନୁଶାସନ ପ୍ରିୟ, ଗୁଣିଜ୍ଞାନୀ, ଯୋଗ୍ୟ, ଆଜ୍ଞାପାଳକ, ସୌଭାଗ୍ୟଶାଳୀ ହେବେ । **ପ୍ରତିକାର** – ପ୍ରତ୍ୟେକ ଦିନ ଭୋକିଲା ଲୋକଙ୍କୁ ନିରାଶ କରନ୍ତୁ ନାହିଁ ।

୯୧ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର୍ ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ଼, ଦରଘା ବଜାର, କଟକ - ୭୫୩୦୦୧, ଫୋନ – ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନାତାବ୍ଦାଃ | ୭୯-୮୦ |
| ଶକାବ୍ଦାଃ | ୧୯୪୮ |
| ସମ୍ବତ୍ | ୨୦୮୩ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୩ |
| କଲ୍ୟାତୀତାବ୍ଦାଃ | ୫୧୨୭ |

## ଅଗଷ୍ଟ ୨୦୨୬
## AUGUST 2026

ରୌଦ୍ର ସମ୍ବତ୍ସର କର୍କଟ(ଶ୍ରାବଣ)ଦି୧୬ନ ଠାରୁ ସିଂହ(ଭାଦ୍ର) ଦି୧୫ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୨୫ | ଘ୬।୨୦ |
| ତା୧୦–ଘ୫।୨୭ | ଘ୬।୧୫ |
| ତା୨୦–ଘ୫।୩୧ | ଘ୬।୦୯ |
| ତା୩୧ –ଘ୫।୩୪ | ଘ୫।୦୦ |

| | | | | | |
|---|---|---|---|---|---|
| ରବି SUN | ୩୦ ୧୪ ଦ୍ୱିତୀୟା ଉତ୍ତର ଭାଦ୍ର ମୀନ | ୨ ୧୭ ଚତୁର୍ଥୀ ପୂର୍ବଭାଦ୍ର କୁମ୍ଭ | ଏକାଦଶୀ ୯ ୨୪ ମୃଗଶିରା ମିଥୁନ | ୧୬ ୩୧ ଚତୁର୍ଥୀ ହସ୍ତା କନ୍ୟା | ଏକାଦଶୀ ୨୩ ୭ ମୂଳା ଧନୁ |
| ସୋମ MON | ୩୧ ୧୫ ତୃତୀୟା ରେବତୀ ମୀନ | ୩ ୧୮ ପଞ୍ଚମୀ ଉତ୍ତରଭାଦ୍ର ମୀନ | ୧୦ ୨୫ ଦ୍ୱାଦଶୀ ତ୍ରୟୋଦଶୀ କ୍ଷଃ ଆର୍ଦ୍ରା ମିଥୁନ | ୧୭ ସିଂହ ଦି୧ନ ପଞ୍ଚମୀ ଚିତ୍ରା କନ୍ୟା | ୨୪ ୮ ଦ୍ୱାଦଶୀ ପୂର୍ବାଷାଢ଼ା ଧନୁ |
| ମଙ୍ଗଳ TUE | **ପାଳକ ସମାଚାର** – ଏ ସମ୍ବତ୍ସରେ ରାଜା ରବି, ମନ୍ତ୍ରୀ-ବୁଧ, ପୁରୋଧା-ଶନି, ଗ୍ରହବିପ୍ର-ବୃହସ୍ପତି, ପରୀକ୍ଷକ-ମଙ୍ଗଳ, କରଣ-ଶୁକ୍ର, ଉଗର-ଚନ୍ଦ୍ର, ତାଡନୀୟ-ରବି, ଅର୍ଥରକ୍ଷକ-ବୁଧ, ଆସ୍ଥାନରକ୍ଷକ-ଶନି। | ୪ ୧୯ ଷଷ୍ଠୀ ରେବତୀ ମୀନ | ୧୧ ୨୬ ଚତୁର୍ଦ୍ଦଶୀ ପୁନର୍ବସୁ ମିଥୁନ | ୧୮ ୨ ଷଷ୍ଠୀ ସ୍ୱାତୀ ତୁଳା | ୨୫ ୯ ଦ୍ୱାଦଶୀ ମଳ ଉତ୍ତରଷାଢ଼ା ମକର |
| ବୁଧ WED | | ୫ ୨୦ ସପ୍ତମୀ ଅଶ୍ୱିନୀ ମେଷ | ଅମାବାସ୍ୟା ୧୨ ୨୭ ପୁଷ୍ୟା କର୍କଟ | ୧୯ ୩ ସପ୍ତମୀ ସ୍ୱାତୀ ତୁଳା | ୨୬ ୧୦ ତ୍ରୟୋଦଶୀ ଶ୍ରବଣା ମକର |
| ଗୁରୁ THU | | ୬ ୨୧ ଅଷ୍ଟମୀ ଦ୍ୱିକା ମେଷ | ୧୩ ୨୮ ପ୍ରତିପଦ ଅଶ୍ଳେଷା ମଘାକ୍ଷଃ କର୍କଟ | ୨୦ ୪ ଅଷ୍ଟମୀ ବିଶାଖା ବିଛା | ୨୭ ୧୧ ଚତୁର୍ଦ୍ଦଶୀ ଧନିଷ୍ଠା ମକର |
| ଶୁକ୍ର FRI | | ୭ ୨୨ ନବମୀ କୃତ୍ତିକା ବୃଷ | ୧୪ ୨୯ ଦ୍ୱିତୀୟା ପୂର୍ବାଫା ସିଂହ | ୨୧ ୫ ନବମୀ ଅନୁରାଧା ବିଛା | ପୂର୍ଣ୍ଣିମା ୨୮ ୧୨ ଶତଭିଷା କୁମ୍ଭ |
| ଶନି SAT | ୧ କର୍କଟ ଦି୧୬ନ ତୃତୀୟା ଶତଭିଷା କୁମ୍ଭ | ୮ ୨୩ ଦଶମୀ ରୋହିଣୀ ବୃଷ | ୧୫ ୩୦ ତୃତୀୟା ଉତ୍ତରଫା ସିଂହ | ୨୨ ୬ ଦଶମୀ ଜ୍ୟେଷ୍ଠା ବିଛା | ୨୯ ୧୩ ପ୍ରତିପଦ ପୂର୍ବଭାଦ୍ର କୁମ୍ଭ |

## ପର୍ବଦିନ

ତା୨ ଶରଣ ଶେଷ
**ତା୩ ବୋଲବମ ଆରମ୍ଭ** ଓ ମନସା ପଞ୍ଚମୀ
ତା୯ କାମଦା ଏକାଦଶୀ ଉପବାସ ଓ ହ.ନି
ତା୧୧ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
**ତା୧୨** ଶ୍ରୀମନ୍ଦିରେ ଓ **ଗୃହିଣୀଂ ଚିତାଲାଗି ଅମାବାସ୍ୟା,** ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି
ତା୧୪ ଚନ୍ଦ୍ର ଦର୍ଶନ ପୂଜା ଓ ଉପବାସ
**ତା୧୫ ୮୦ ତମ ସ୍ୱାଧୀନତା ଦିବସ, ଓ ଶ୍ରୀଅରବିନ୍ଦଙ୍କ ଜୟନ୍ତୀ**
ତା୧୬ ଜାଗ୍ରଦ୍‌ଗୌରୀ ପଞ୍ଚମୀ ଓ ମାସାନ୍ତ
**ତା୧୭ ସିଂହ ସଂକ୍ରାନ୍ତି** ଓ ହଳ ନିଷେଧ
ତା୨୨ ଝୁଲଣଯାତ୍ରା ଆରମ୍ଭ
ତା୨୩ ପୁତ୍ରଦା ଏକାଦଶୀ ଉପବାସ, ଶ୍ରୀଜୀଉଙ୍କ ପବିତ୍ରାଧିବାସ, ରବିନାରାୟଣ ବ୍ରତ ଓ ହ.ନି
ତା୨୪ ପବିତ୍ରାରୋପଣ ଓ ଶରଣ ଆରମ୍ଭ
ତା୨୫ ଆଖେଟକ ପର୍ବ
**ତା୨୬** ଶିବଚତୁର୍ଦ୍ଦଶୀ ଉପବାସ, ଶିବ ପବିତ୍ରାରୋପଣ, **ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ**
**ତା୨୭ ଶ୍ରୀ ବଳଭଦ୍ର ଜନ୍ମ, ରାକ୍ଷୀବନ୍ଧନ, ଗହ୍ମା ପର୍ବ, ଚନ୍ଦ୍ରପୂଜା**
**ତା୨୮ ଗହ୍ମା ପୂର୍ଣ୍ଣିମା** ଓ ଶ୍ରାବଣ ପୂର୍ଣ୍ଣିମା
ତା୨୯ ଶରଣଶେଷ
**ତା୩୦ ଖୁଦୁରୁକୁଣୀ ଓଷା** ଓ କୋଶଳ ପୂଜା
ତା୩୧ ଅଙ୍ଗଭେଟ ତୃତୀୟା

ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୂର୍ ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।

# ସନ ୨୦୨୬ ମସିହା ଅଗଷ୍ଟ ମାସର ବାର ରାଶିଫଳ

**ମେଷ** – କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇ ଆଶା ଆକାଂକ୍ଷା ଓ ମହତ୍ୱାକାଂକ୍ଷା ପୂର୍ଣ୍ଣହେବା ସହ ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। ଜାଗା, ଜମି, ଗୃହ ବାହନ ଆଦି କ୍ରୟ ବିକ୍ରୟ ପାଇଁ ଚୁକ୍ତିପତ୍ର କରି ପାରନ୍ତି। ସରକାରୀ କର୍ମଚାରୀମାନେ କର୍ମକ୍ଷେତ୍ରରେ ପଦୋନ୍ନତି ପାଇବାର ସୂଚନା ପାଇବା ସହ ଯେ କୌଣସି କାମରେ ହାତ ଦେଲେ, ସେଥିରେ ସଫଳତା ପାଇବେ। ଆର୍ଥିକସ୍ଥିତି ସୁଧାରିବାକୁ ଚେଷ୍ଟା କରିବେ। ଉଦ୍ୟୋଗ, ରେଶମୀବସ୍ତ୍ର, ଅଗରବତୀ, ଇଟା, କ୍ଷୀର, ଦହି, ଘିଅ, ବାଦ୍ୟଯନ୍ତ୍ର, ଚଳଚ୍ଚିତ୍ର, ଔଷଧ, ଶାଢ଼ୀ ଇତ୍ୟାଦି ବ୍ୟବସାୟର ଉଦ୍ୟୋଗ କରିପାରିବେ କିମ୍ବା ବିଭାଗର ଦାୟିତ୍ୱ ନେଇ ସୁଚାରୁରୂପେ ଚଳେଇ ପାରିବେ। ପ୍ରେମକ୍ଷେତ୍ରରେ ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ କୌଣସି ପ୍ରକାର ଅସୁବିଧା ହେବ ନାହିଁ। **ପ୍ରତିକାର** – ପ୍ରତ୍ୟେକ ଦିନ ସିନ୍ଦୁର ଟିକେ ମୁଣ୍ଡରେ ଲଗାନ୍ତୁ।

**ବୃଷ** – ଶତ୍ରୁବିରୋଧୀମାନେ ସତଚେଷ୍ଟା କଲେ ମଧ୍ୟ କୌଣସି କ୍ଷତି କରିପାରିବେ ନାହିଁ। ଗୃହରେ ଦୀର୍ଘଦିନର ବିବାଦୀୟ ସମସ୍ୟାରେ ସଫଳତା ମିଳିବ। ସାମାଜିକ ପତିଆରା ଅମଳିନ ରହିବ। କମିଶନ କାର୍ଯ୍ୟରେ ଲାଭ ହେବାର ସମ୍ଭାବନା ଅଛି। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ଆର୍ଥିକ ପରିସ୍ଥିତି ଉତ୍ତମ ଥିଲେ ମଧ୍ୟ ବସନ ଭୂଷଣରେ କିଛି ବ୍ୟୟ କରି ପାରନ୍ତି। ବ୍ୟବସାୟକ୍ଷେତ୍ରରେ ସାବଧାନତା ପୂର୍ବକ ପାଦ ବଢ଼େଇବା ବୁଦ୍ଧିମତା ପୂର୍ଣ୍ଣ ହେବ। ଧାର୍ମିକ କାର୍ଯ୍ୟପ୍ରତି ଆଗ୍ରହୀ ହେବେ। ରାଜନୀତିରେ ସୁନାମ ଅର୍ଜନ କରିପାରିବେ। କର୍ମାନୁଯାୟୀ ଫଳପ୍ରାପ୍ତି ହେତୁ କର୍ତ୍ତବ୍ୟ ପରାୟଣତା ରକ୍ଷା କରି ପାରିବେ। ଛାତ୍ର ଛାତ୍ରୀମାନେ ପ୍ରତିଯୋଗିତା ପରୀକ୍ଷାରେ ଯଶସ୍ୱୀ ହେବେ। ସମ୍ପର୍କୀୟଙ୍କ କୌଣସି ଘଟଣା ଯୋଗୁଁ ବ୍ୟତିବ୍ୟସ୍ତ ହୋଇଯିବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ।

**ମିଥୁନ** – ସହକର୍ମୀମାନଙ୍କଠାରୁ ସାହାଯ୍ୟ ସହଯୋଗ ପାଇ ସମସ୍ତ କାର୍ଯ୍ୟରେ ସଫଳତା ମିଳିବ ଓ ବରିଷ୍ଠ ବ୍ୟକ୍ତିମାନେ ସନ୍ତୋଷ ହେବେ। ବ୍ୟବସାୟୀମାନେ ଗ୍ରାହକ ସେବାକୁ ଗ୍ରହଣ କରି ଯଶମାନ ବୃଦ୍ଧି ସହିତ ଉତ୍ତମ ଆୟର ପଥ ପରିଷ୍କାର କରିବେ। ନୂଆଲକ୍ଷ ପୂରଣ କରିବା ପାଇଁ ସାହାଯ୍ୟ ସହଯୋଗ ମିଳିବ। ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସମ୍ପର୍କ ସ୍ଥାପନ ହେବା ଫଳରେ ପ୍ରତିଷ୍ଠା, ପ୍ରତିପତି, ମାନସମ୍ମାନ ଓ ଖ୍ୟାତି ବଢ଼ିବ । ପୁରାତନ ରୋଗରୁ ଉପସମ ପାଇ ଶରୀର ସୁସ୍ଥ ରହିବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପ୍ରତ୍ୟେକ କ୍ଷେତ୍ରରେ ବିନୟପୂର୍ଣ୍ଣ କଥାକହିଁ ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ମନୋରଂଜନ କାର୍ଯ୍ୟରେ ସମୟ କଟିବ। କଳା, ସାହିତ୍ୟ, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆବାପା, ଗୁରୁଙ୍କୁ ପ୍ରଣାମ କରନ୍ତୁ।

**କର୍କଟ** – ପାଖ ପଡ଼ିଶା ମାନଙ୍କ ସହଯୋଗରେ ଗୃହସମସ୍ୟ ସମାଧାନ ହେବ। ବ୍ୟବସାୟିକ କାର୍ଯ୍ୟ ସହଜ ସରଳରେ ସମାଧାନ ହେବ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ଜନ ସେବାରେ ପ୍ରଶଂସା ମିଳିବ। କର୍ମଚାରୀ ଓ ଶ୍ରମିକମାନେ ବେଶି ଉପକୃତ ହେବେ। ଅର୍ଥଲାଭର ମାର୍ଗ ଖୋଲି ଯିବ। କେତେକ ଦୀର୍ଘ ଯୋଜନା ସଫଳ କାରଣରୁ ମନ ଭଲ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବନ୍ଧୁ ମିତ୍ରମାନଙ୍କର ସହଯୋଗରେ ଧନସମ୍ପଦ ବସ୍ତ୍ର ଆଭୁଷଣ ଆଦି ଲାଭହେବ। ସାମାଜିକ କାର୍ଯ୍ୟରେ ଜୟଯୁକ୍ତ ହେବେ। ଶୁଭ ସମ୍ବାଦ ପାଇବେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ନେଇ ମନସନ୍ତୁଷ୍ଟ ରହିବ। ସନ୍ତାନଙ୍କ ପାଇଁ ମାନସିକ ସ୍ଥିରତା ବଜାୟ ରହିବ। ପାରିବାରିକ କ୍ଷେତ୍ରରେ ସ୍ନେହସଭାବର ବୃଦ୍ଧିହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ଚୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ସିଂହ** – ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ହାତକୁ ନେଇଥିବା କାର୍ଯ୍ୟଟି ପାଇଁ କଠିନ ପରିଶ୍ରମ କରିବାକୁ ପଡିବ ଉଚ୍ଚାଧିକାରୀ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁ ସମ୍ପର୍କ ଫଳରେ ଆତ୍ମନିର୍ଭରଶୀଳ ହେବେ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇଁ ପାରିବାରିକ ସମସ୍ୟା ସୁଧୁରି ଯିବା ସହ ଆୟ ଅପରିବର୍ତ୍ତିତ ରହି ମାନସିକ ସ୍ଥିରତା ଦେଖାଦେବ। ବନ୍ଧୁ ମିତ୍ରଙ୍କର ସହଯୋଗ ପ୍ରେରଣା ଓ ଆର୍ଥିକ ସହାୟତାରେ ଉଚିତପନ୍ଥା ଗ୍ରହଣ କରିବେ। ସୁଖ ସମୃଦ୍ଧି ବୃଦ୍ଧି ହେବା ସହ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ବ୍ୟବସାୟରେ କମ୍ ପରିଶ୍ରମରେ ଆଶାଜନକ ଲାଭ ପ୍ରାପ୍ତିହେବ। ସାମାଜିକ କାମ ହାସଲ କରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଉପରେ ନିର୍ଭର କରିବେ। ପ୍ରେମିକ ପ୍ରେମିକା ମାନେ ବନ୍ଧୁଙ୍କ ଶୁଭକର୍ମରେ ଯୋଗଦେବାକୁ ବାଧ୍ୟ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ ଖାଇବାକୁ ଦିଅନ୍ତୁ।

**କନ୍ୟା** – ପ୍ରିୟଜନମାନେ ଆଗକୁ ବଢ଼ିବାରେ ସାହାଯ୍ୟ କରିବେ। କମିଶନ କାର୍ଯ୍ୟରେ ଲାଭ ହେବାର ସମ୍ଭାବନା ଅଛି। କଥାବାର୍ତ୍ତା ଓ ଚତୁରତା ହେତୁ ବିଗିଡିଥିବା କର୍ମଟିକୁ ସଜାଡି ପାରିବେ। ସମ୍ପତ୍ତି ସମ୍ବନ୍ଧିତ ଶୁଭ ସମାଚାର ଶୁଭ ସମାଚାର ଶୁଣିବାକୁ ମିଳିବ। ନୂଆଲକ୍ଷ ପୂରଣ କରିବା ପାଇଁ ସାହାଯ୍ୟ ସହଯୋଗ ମିଳିବ। କୌଣସି ରୋଚକ ବା ଜ୍ଞାନବର୍ଦ୍ଧକ ସାହିତ୍ୟ ପ୍ରତି ମନ ବଳାଇବେ। ମାଲିମୋକଦ୍ଦମାରେ ମୁଣ୍ଡ ଉଚ୍ଚା ରହିବ। ପାରିବାରିକ କ୍ଷେତ୍ରରେ ଆଲୁଅ ଅନ୍ଧାରରେ ଲୁଚକାଳି ଖେଳଭଳି ଦେଖା ଦେବ। ବ୍ୟବସାୟରେ ପ୍ରତିଦ୍ୱନ୍ଦିତା ସତ୍ତ୍ୱେ ଲାଭ ସୁନିଶ୍ଚିତ ହେବେ। ଅଭାବ ଅନାଟନ ପାଇଁ ବ୍ୟୟ ସଂକୋଚନ ହୋଇପାରେ। କୌଣସି କଥାବାର୍ତ୍ତାକୁ ନେଇ ପ୍ରତାରିତ ହେବାର ଆଶଙ୍କା ଉପୁଯିବ। ସମୟ ହେଲେ ମଧ୍ୟ କାର୍ଯ୍ୟ ପୂରଣରେ ବାଧା ଆସି ବିଳମ୍ବ ହୋଇପାରେ। **ପ୍ରତିକାର** – କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ତୁଳା** – ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବା ସହ ଆର୍ଥିକକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଉତ୍ତମ ରୋଜଗାର କରିପାରିବେ। ଯାହା ଚିନ୍ତା କରିଛନ୍ତି ଆଜି ତାହା ପୂରଣ କରିବାକୁ ଚେଷ୍ଟା କରିବେ। ସାଧାରଣ ଲୋକମାନେ ଆପଣଙ୍କ ବାଣୀ ଓ ଯୋଗ୍ୟତାରେ ପ୍ରଭାବିତ ହେବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଅନୁଭବ କରିବେ। ଜନସମ୍ପର୍କ ସୁଦୃଢ଼ ଫଳରେ ମାନସିକ ଚିନ୍ତା ଦୂର ହେବ। ମାଲିମୋକଦ୍ଦମାରେ ବିଜୟ ପ୍ରାପ୍ତ ହେବ। କାରବାର ଓ କାମ କାର୍ଯ୍ୟ ସ୍ଥିତିରେ ସୁଧାର ଆସିବାରୁ ମନ ବହୁତ ଖୁସି ରହିବ। ବିଦ୍ୟାଧନ ସମ୍ବନ୍ଧରେ ଶୁଭ ସମାଚାର ପ୍ରାପ୍ତ ହେବ। ବନ୍ଧୁମିଳନ ହେତୁ ମନ ଖୁସୀ ରହିବ। ରାଜନୀତିରେ ସଫଳତା ମିଳିବା ସହ କୃତକାର୍ଯ୍ୟ ହେବେ। ପଡାପଡୋଶୀ ବନ୍ଧୁ ମିତ୍ରଙ୍କ ବ୍ୟବହାରରେ ମନ ବିଚଳିତ ହୋଇପାରେ। **ପ୍ରତିକାର** – ମାଆ, ବାପା ଓ ଗୁରୁଙ୍କୁ ପ୍ରଣାମ କରନ୍ତୁ।

